# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଚତୁର୍ଦ୍ଦଶ ବର୍ଷ | ଦ୍ୱିତୀୟ ସଂଖ୍ୟା | ଏପ୍ରିଲ ୨୦୧୭



ଉପଦେଷ୍ଟା ମଣ୍ଡଳୀ

ଗଜେନ୍ଦ୍ର ନାଥ ମହାନ୍ତି
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
କୃଷ୍ଣଚନ୍ଦ୍ର ବେହେରା

●

ସମ୍ପାଦନା ମଣ୍ଡଳୀ

ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
ମାନସ ରଞ୍ଜନ ପଟ୍ଟନାୟକ
ରଞ୍ଜିତ୍ ରାଉତ୍

●

ସଂପାଦକ

ଡ଼. ସନ୍ତୋଷ କୁମାର ମହାପାତ୍ର

●

ସହ ସଂପାଦକ

ଅଭୟ କୁମାର ଦାସ

●

ପରିଚାଳକ

ଧନେଶ୍ୱର ନାୟକ

●

ସହକାରୀ ପରିଚାଳକ

ରବି ନାରାୟଣ ଆଚାର୍ଯ୍ୟ

●



ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


ଏହି ସଂଖ୍ୟାରେ...


- ଗଣତନ୍ତ୍ର ପ୍ରତି ବିପଦ
- ଭାରତୀୟ ରେଳର
- ମଇ ଦିବସରୁ ଅକ୍ଟୋବର
- ସାମ୍ୟବାଦୀ ବାର୍ତ୍ତା
- ପ୍ରଗତି ଓ ଦୁର୍ଗତି ଦୋଛକିରେ
- ଆମ ଦେଶର ସ୍ୱାସ୍ଥ୍ୟ ସେବା
- ସବଳ ବିରୋଧରେ
- ଅଧିକାର, କର୍ତ୍ତବ୍ୟ
- ତିନ୍ ସାଲ୍ ବାଦ୍ ମୋଦି


*ସଂପାଦକୀୟ........................*

# ଗଣତନ୍ତ୍ର ପ୍ରତି ବିପଦ

ଏକ ଦେଶର ଗଣତନ୍ତ୍ରର ସଫଳତା ନିର୍ଭର କରେ ସେ ଦେଶବାସୀଙ୍କର ତଥା ଗଣମାଧ୍ୟମର ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର କ୍ଷମତା ଉପରେ । ଭିନ୍ନ ମତ ଦେବା ବା ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ସମାଲୋଚନା କରିବା ଦ୍ୱାରା ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବା ସହିତ ସରକାର ନିଜର ତ୍ରୁଟି ଜାଣି ସୁଧାରିବା ପାଇଁ ପ୍ରୟାସ କରିଥାନ୍ତି । ଭିନ୍ନ ମତ, ପ୍ରତିବାଦ ତଥା ସମାଲୋଚନା ନ ହେଲେ ସରକାର ଏକଛତ୍ରବାଦୀ ହୋଇଥାଆନ୍ତି । ଏଣୁ ପୁରାଣ ଯୁଗରେ ଅନେକ ରାଜା ମଧ୍ୟ କ୍ଷମତାଶାଳୀ ହୋଇ ବିଦ୍ୱାନ, ବୁଦ୍ଧିଜୀବୀଙ୍କ ପରାମର୍ଶ ନେଉଥିଲେ । କିନ୍ତୁ ବର୍ତ୍ତମାନ ଭାରତ ତଥା ବିଶ୍ୱର ଅଧିକାଂଶ ଦେଶରେ ଯେଉଁମାନେ କ୍ଷମତାସୀନ ହେଉଛନ୍ତି ସେମାନେ ତାଙ୍କ କ୍ଷମତାକୁ ସବୁଦିନ କିପରି ବଜାୟ ରଖିବେ ସେଥିପାଇଁ ପ୍ରୟାସ କରୁଛନ୍ତି । ଆମ ଦେଶରେ ୧୯୭୭ରେ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରାଯାଇ ଜନସାଧାରଣଙ୍କ ସ୍ୱାଧୀନ ମତଦେବାର ଅଧିକାରକୁ ସଂକୁଚିତ କରାଯାଇଥିଲା । ଯାହା ଫଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ୧୯୭୯ ନିର୍ବାଚନରେ ଲୋକମାନେ କ୍ଷମତାଚ୍ୟୁତ କରିଥିଲେ ।

ବର୍ତ୍ତମାନ ଯଦିଓ କୌଣସି ସେପରି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇନାହିଁ, କିନ୍ତୁ ବିଭିନ୍ନ ମାଧ୍ୟମରେ ସରକାରଙ୍କୁ ନସୁହାଇଲାପରି ମନ୍ତବ୍ୟକୁ ଚାପିଦିଆଯାଉଛି ବା ଯେଉଁ ବ୍ୟକ୍ତି ବା ଗଣମାଧ୍ୟମ ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କଲା ତାଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଜରୁରୀକାଳୀନ ପରିସ୍ଥିତି ସମୟରେ କେବଳ ସରକାର ଜନସାଧାରଣଙ୍କ ସ୍ୱାଧୀନ ମତକୁ ଚାପି ଦେଉଥିଲେ । କିନ୍ତୁ ବର୍ତ୍ତମାନ ଉଭୟ ସରକାର ଏବଂ ମୋଦି ତଥା ବିଜେପିକୁ ଅନ୍ଧାଧୁନିଆ ଭାବେ ସମର୍ଥନ କରୁଥିବା ଗୋଟିଏ ବୃହତ୍ତ ଗୋଷ୍ଠୀ ଓ ହିନ୍ଦୁତ୍ୱବାଦୀ ସରକାର ମୋଦି ବିରୋଧୀ କୌଣସି ମନ୍ତବ୍ୟକୁ ସହ୍ୟ କରୁନାହାଁନ୍ତି । ଯିଏ ମୋଦି ସରକାରଙ୍କ ତ୍ରୁଟି ଦର୍ଶାଇଲା ତାକୁ ସେମାନେ ବିଭିନ୍ନ କୁତ୍ସିତ କଥା ତିବ୍ର ଭର୍ତ୍ସନା କରିଛନ୍ତି । ଏହି ପ୍ରକ୍ରିୟା ସାମାଜିକ ଗଣମାଧ୍ୟମରେ ଅଧିକ ଜଣେ କୌଣସି ଦଳ ବା ନିର୍ଦ୍ଦିଷ୍ଟ ଚିନ୍ତାଧାରର ଲୋକ ନ ହୋଇ ଯଦି ମୋଦି ସରକାରଙ୍କର ତ୍ରୁଟି ଦର୍ଶାଇଲା ତାଙ୍କୁ କଂଗ୍ରେସିଆ, କମ୍ୟୁନିଷ୍ଟିଆ, ଦେଶ ଦ୍ରୋହୀ, ଜାତୀୟତା ବିରୋଧୀ, ପାକିସ୍ଥାନ ଓ ଚୀନ ସମର୍ଥକ କହି ଏପରି ଭତ୍ସନା କରାଯାଉଛି ଯେପରି ଜଣେ ମୋଦି ସରକାରଙ୍କ ତ୍ରୁଟି ଦର୍ଶାଇବାରୁ ବିରତ ରହିବ । ଏଣୁ ଯେତେବେଳେ ଉଭୟ ସରକାର ତଥା ଏକ ବୃହତ୍ତ ଗୋଷ୍ଠୀ ସ୍ୱାଧୀନ ମତକୁ ଚାପି ଦେଉଛନ୍ତି, ସେତେବେଳେ ଏପରିସ୍ଥିତିକୁ ଜରୁରୀକାଳୀନ ପରିସ୍ଥିତିଠାରୁ ଅଧିକ ଭୟଙ୍କର ବୋଲି କହିବା କିଛି ଭୁଲ ହେବ ନାହିଁ । ଏପରିକି ବିଜେପିର ପୂର୍ବତନ ନେତା ତଥା ପ୍ରଖ୍ୟାତ ସାମ୍ବାଦିକ ଅରୁଣ ଶୌରୀ ଜରୁରୀକାଳୀନ ପରିସ୍ଥିତି ପରି ଭୟଙ୍କର ବୋଲି କହିଛନ୍ତି ।

ଆହୁରି ମଧ୍ୟ ଯିଏ ସରକାରଙ୍କୁ ସମାଲୋଚନା କଲା ତାକୁ କୁହାଯାଉଛି ଅପେକ୍ଷା କର, ଧର୍ଯ୍ୟଧର, ସହିଯାଅ, ଭଲ ଦିନ ଆସୁଛି । ସରକାରଙ୍କ ବିଫଳତା ପାଇଁ ଏ ସରକାର ଦାୟୀ ନୁହଁନ୍ତି, ପୂର୍ବ କଂଗ୍ରେସ ସରକାର ଦାୟୀ ବୋଲି କୁହାଗଲାବେଳେ, ବର୍ତ୍ତମାନ କିଛି ୪/୫ଟି ଯୋଜନାକୁ ସରକାରଙ୍କ ମହାନ ସଫଳତା ଭାବେ ପ୍ରଚାର କରାଯାଉଛି । ଆମ ଦେଶର ବାର୍ଷିକ ବଜେଟ୍‌ର ଆକାର ୨୦ ଲକ୍ଷ କୋଟି ଟଙ୍କା । ଯେକୌଣସି ବ୍ୟକ୍ତି ପ୍ରଧାନ ମନ୍ତ୍ରୀ ହୁଅନ୍ତୁ ବା ଯେଉଁ ଦଳ ସରକାର ଗଠନ କରୁନା କାହିଁକି ସରକାରତ ୨୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ଏବଂ କିଛି ଯୋଜନା କରିବାକୁ ବାଧ । ପୂର୍ବ ସରକାର ଅମଳରେ ଏହିପରି ହଜାର ହଜାର ଯୋଜନା ହୋଇଛି । କିନ୍ତୁ ଏ ସରକାର ୪/୫ଟି ଯୋଜନା କରି ଦେଶବାସୀଙ୍କ ଟିକସ ଅର୍ଥରୁ କୋଟି କୋଟି ଟଙ୍କା ବ୍ୟୟ କରି ନିଜ ସପକ୍ଷରେ ଗଣମାଧ୍ୟମରେ ପ୍ରଚାର କରୁଛି । ସରକାରଙ୍କ ଲକ୍ଷ୍ୟ ହେଉଛି ତାଙ୍କ ବିଫଳତା କେହି ନ ଜାଣନ୍ତୁ, ବରଂ ସଫଳତା ବିଷୟରେ କେବଳ ଜାଣନ୍ତୁ ବା ବିଫଳତାକୁ ସଫଳତାର ରୂପ ଦେଇ ପ୍ରଚାର କରାଯାଉ । ଜନସାଧାରଣ ଯଦି ସରକାରଙ୍କ ଦୋଷ ଦୁର୍ବଳତା ନ ଜାଣିବେ ତେବେ ତାଙ୍କୁ ପୁଣି ନର୍ବାଚିତ କରିବେ ।

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଏହା ଯେତେ ସ୍ୱଚ୍ଛ, ନିରପେକ୍ଷ, ସ୍ୱାଧୀନ ରହିବ ଗଣତନ୍ତ୍ର ସେତେ ଶକ୍ତିଶାଳୀ ହେବ । କିନ୍ତୁ ବର୍ତ୍ତମାନ ଆମ ଦେଶର ଅଧିକାଂଶ ଗଣମାଧ୍ୟମ ସରକାରଙ୍କ ନିୟନ୍ତ୍ରଣରେ । ପ୍ରଚୁର ବିଜ୍ଞାପନ ଦେଇ ଗଣମାଧ୍ୟମକୁ ନିଜ କରାୟତରେ ସରକାର ରଖଛନ୍ତି । କାରଣ ବିନା ବିଜ୍ଞାପନରେ ଗଣମାଧ୍ୟମ ତିଷ୍ଠି ପାରିବ ନାହିଁ । ପୁନଶ୍ଚ ଅଧିକାଂଶ ଗଣମାଧ୍ୟମ ବିଭିନ୍ନ ଶିଳ୍ପପତି, ବ୍ୟବସାୟୀ ଗୋଷ୍ଠୀଦ୍ୱାରା ନିୟନ୍ତ୍ରିତ । ସୋମନେ ସରକାରଙ୍କ ସପକ୍ଷରେ ତାଙ୍କ ଗଣମାଧ୍ୟମରେ ପ୍ରଚାର କରି ନିଜ ବ୍ୟବସାୟ, କାରବାରକୁ ସହଜରେ ପ୍ରସାର କରିବା ପାଇଁ ଉଚିତ୍ ମନେ କରୁଛନ୍ତି । ଯାହା ଫଳରେ ବର୍ତ୍ତମାନ ସରକାର ଦଳର ନେତା, ଶିଳ୍ପପତି, ପୁଞ୍ଜିପତି ପ୍ରଶାସକ ମିଳିତ ଭାବେ ଦେଶର ସମ୍ପତ୍ତି ଲୁଟୁଛନ୍ତି । କିନ୍ତୁ ଗରିବ ପାଇଁ ସରକାର ସବୁକାର୍ଯ୍ୟ କରୁଛନ୍ତି ବୋଲି ପ୍ରଚାର କରାଯାଉଛି ।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ଯଦି କୌଣସି ଗଣମାଧ୍ୟମ ଦର୍ଶାଇଲା ତାକୁ ଏନ୍.ଡ଼ି.ଟି.ଭି.ର ମାଲିକ ଘରେ ଯେପରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସି.ବି.ଆଇ.) ଦ୍ୱାରା ଚଢ଼ାଉ କରାଗଲା, ସେପରି କିମ୍ବା ବିଭିନ୍ନ ଭାବରେ ହଇରାଣ ହରକତ କରିବାର ଭୟ ଦେଖାଯାଉଛି । ଯାହାଫଳରେ ଅଧିକାଂଶ ଗଣମାଧ୍ୟମ ସରକାରଙ୍କୁ ସୁହାଇଲା ପରି ସମ୍ବାଦ ପରିବେଶଣ କରୁଛନ୍ତି । ନିଜ ଉପରେ ନିଜେ ଅଙ୍କୁଶ ଲଗାଉଛନ୍ତି । ଏକଥା ଆମେ କହୁନାହୁଁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଇଣ୍ଡେକ୍ସ–୨୦୧୭ ପ୍ରସ୍ତୁତ କରିଥିବା ସଂସ୍ଥା 'ରିପୋର୍ଟର ଉଦାଉଟ୍ ବୋର୍ଡ଼ର' କହିଛି । ଦୁଃଖର ବିଷୟ ଗଣମାଧ୍ୟମର ସ୍ୱାଧୀନତା ଦୃଷ୍ଟିରୁ ଭାରତ ୧୮୦ଟି ଦେଶ ମଧ୍ୟରୁ ୧୩୬ ସ୍ଥାନରେ ଅଛି । ଅର୍ଥାତ୍ ୧୩୫ ଦେଶ ତଳେ । ଯେତେବେଳେ ଲୋକମାନେ ସ୍ୱାଧୀନଭାବେ ମତ ଦେଇପାରିବେନିକି ଗଣମାଧ୍ୟମ ଦେଇ ପାରିବେନି ସେତେବେଳେ ଗଣତନ୍ତ୍ର ବିପର୍ଯ୍ୟୟ ମୁଖୀ ହୁଏ । ଏହିପରିପ୍ରେକ୍ଷୀରେ ଆମର କର୍ତ୍ତବ୍ୟ ଅନେକ ରହିଛି ।

*ଅଭିନନ୍ଦନ ସହ*

ଡକ୍ଟର ସନ୍ତୋଷ କୁମାର ମହାପାତ୍ର

# ଭାରତୀୟ ରେଳର ଘରୋଇକରଣ

ନବ କିଶୋର ବେହେରା
ଜୀବନ ବୀମା ନିଗମ, ଭଦ୍ରକ ବେସ୍ ୟୁନିଟ୍

ଭାରତୀୟ ରେଳକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାରଙ୍କର ଉଦ୍ୟମ ଅବ୍ୟାହତ ରହିଛି । ରେଳବାଇରେ ବିଦେଶୀ ପୁଞ୍ଜିର ବିନିଯୋଗର ପ୍ରସ୍ତାବ ରଖିବା ସଙ୍ଗେ ସଙ୍ଗେ ରେଳ ସମ୍ପର୍କୀୟ ଅନେକ କାର୍ଯ୍ୟକୁ ଘରୋଇ ମାଲିକାନାକୁ ହସ୍ତାନ୍ତର କରାଯାଇଛି । ରେଳ ପରିସରରେ ସଫେଇ କାମ, କ୍ୟାଟରିଂ ସେବା, ଟିକେଟ୍ ବୁକିଂ, ୱାଗନ ନିର୍ମାଣ, ଟ୍ରାକ୍‌ର ରକ୍ଷଣାବେକ୍ଷଣ ଓ ମରାମତି ପ୍ରଭୃତି କାମଗୁଡ଼ିକୁ ଘରୋଇକରଣ କରାଯାଇଛି । ବିଗତ କେନ୍ଦ୍ର ବଜେଟ୍‌ରେ ଭାରତୀୟ ରେଳର ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜ୍ **IRCTC** ର ଅଂଶଧନ ବିକ୍ରିପାଇଁ ଷ୍ଟକ୍‌ମାର୍କେଟ୍‌ରେ ପଞ୍ଜିକୃତ ପାଇଁ ପ୍ରସ୍ତାବ ରହିଛି । ରେଳବଜେଟ୍‌କୁ ସ୍ୱତନ୍ତ୍ର ଭାବରେ ଉପସ୍ଥାପନ ନ କରି ତାହାକୁ ଏ ବର୍ଷ ଠାରୁ ସାଧାରଣ ବଜେଟ୍‌ରେ ମିଶାଇ ଦିଆଯାଇଛି । ଏହାଦ୍ୱାରା ରେଳ ବିଭାଗର ପରିଚାଳନା ଗତ ଓ ଆର୍ଥିକ ସ୍ୱାଧିନତା ବାଧାପ୍ରାପ୍ତ ହେଲା ଓ ଏହାର ଘରୋଇକରଣ ପାଇଁ ପଥ ପରିଷ୍କାର ହେଲା । ରେଳ ବଜେଟ୍‌ର ସାଧାରଣ ବଜେଟ୍‌ରେ ମିଶ୍ରଣ ଉପରେ ସରକାରଙ୍କର ସ୍ପଷ୍ଟିକରଣ ଥିଲା ଯେ ରେଳ ବଜେଟ୍‌କୁ ଅଲଗା ଉପସ୍ଥାପନ କରିବା ଦ୍ୱାରା ପାର୍ଲାମେଣ୍ଟର ଯେଉଁ ଅଧିକ ସମୟ ଅପଚୟ ହେଉଥିଲା ତାହାକୁ ରୋକା ଯାଇପାରିବ । କିନ୍ତୁ ପ୍ରକୃତରେ ଆମର ସାଂସଦମାନେ ପାର୍ଲାମେଣ୍ଟର ସମୟକୁ କେତେ ସଦୁପଯୋଗ କରନ୍ତି, କିପରି ପାର୍ଲାମେଣ୍ଟରେ ବାରମ୍ବାର ଅନୁପସ୍ଥିତ ରୁହନ୍ତି ବା କିପରି ବିଭିନ୍ନ ପ୍ରସଙ୍ଗ ଉପରେ ହଙ୍ଗମା କରି ପାର୍ଲାମେଣ୍ଟର ଗୋଟିଏ ଗୋଟିଏ ଅଧିବେଶନ ସମ୍ପୂର୍ଣ୍ଣ ନଷ୍ଟ କରନ୍ତି ତାହା ସମସ୍ତଙ୍କୁ ଜଣା । ତେବେ କେଉଁଥିପାଇଁ ରେଳବଜେଟ୍ ସାଧାରଣ ବଜେଟ୍‌ରେ ମିଶିଗଲା ଓ ଏଥିରେ ସରକାରଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ? ରେଳବଜେଟ୍‌ର ସାଧାରଣ ବଜେଟ୍‌ରେ ମିଶ୍ରଣକୁ ଅନ୍ୟଭାବରେ କହିଲେ ''ରେଳବଜେଟ୍‌ର ଉଚ୍ଛେଦ'' ହେଲା ବୋଲି କୁହାଯିବ । ରେଳ ବଜେଟ୍‌ର ଉଚ୍ଛେଦ ସରକାରଙ୍କର ଆକସ୍ମିକ ପଦକ୍ଷେପ ନ ଥିଲା । ରେଳବାଇରେ ସଂସ୍କାର ଆଣିବା ପାଇଁ **NDA-2** ସରକାର କ୍ଷମତାକୁ ଆସିଲା ପରେ ୨୦୧୪ ମସିହାରେ ''ବିବେକ ଦେବରାୟ କମିଟି'' ଗଠନକରିଥିଲେ । ଏହି କମିଟି ଜୁନ୍ – ୨୦୧୫ରେ ତାଙ୍କ **Report** କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ । କମିଟି ସରକାରଙ୍କୁ ଯେଉଁ ସବୁ ସୁପାରିଶ୍ କରିଥିଲେ ତା ମଧ୍ୟରୁ ରେଳବଜେଟ୍‌ର ଉଚ୍ଛେଦ'' ଓ ଏହାର ସାଧାରଣ ବଜେଟ୍‌ରେ ମିଶ୍ରଣ ଅନ୍ୟତମ ଥିଲା । **NDA-I** ସରକାରଙ୍କ ସମୟରେ ମଧ୍ୟ ରେଳବାଇ କ୍ଷେତ୍ରର ସଂସ୍କାର ପାଇଁ ଗଠିତ ଅନ୍ୟ ଏକ କମିଟି ''ରାକେଶ୍‌ମୋହନ୍ କମିଟି'' ୨୦୦୧ ମସିହାରେ ସେ ସମୟରେ ରେଳମନ୍ତ୍ରୀ ଶ୍ରୀ ନୀତିଶ୍ କୁମାରଙ୍କୁ ଯେଉଁ କେତେକ ସୁପାରିଶ୍ କରିଥିଲେ ସେଗୁଡ଼ିକ ମଧ୍ୟରୁ ରେଳ ବଜେଟ୍‌ର ଉଚ୍ଛେଦ ମଧ୍ୟ ପ୍ରମୁଖ ସୁପାରିସ୍ ଥିଲା ।

ରେଳବାଇର ସଂସ୍କାର ନାଁରେ ଗଠିତ ଉପରୋକ୍ତ ୨ଟି କମିଟିର ସୁପାରିସ୍ ଗୁଡ଼ିକ ଅତ୍ୟନ୍ତ ଭୟଙ୍କର ଏବଂ ଯଦି ଏଗୁଡ଼ିକୁ କାର୍ଯ୍ୟକାରୀ କରାଯାଏ ତେବେ ଭାରତୀୟ ରେଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ପ୍ରାପ୍ତ ହେବ । ରେଳ ବଜେଟ୍‌ର ଉଚ୍ଛେଦ ବ୍ୟତୀତ ''ବିବେକ ଦେବରାୟ କମିଟିର ଅନ୍ୟ ସୁପାରିସ୍‌ଗୁଡ଼ିକ ମଧ୍ୟରେ ଅଛି (୧) ଏକ ରେଲ୍‌ୱେ ରେଗୁଲେଟରୀ ଅଥରିଟି ଅଫ୍ ଇଣ୍ଡିଆ (**RRAI**) ଗଠନ ଯାହାର କାର୍ଯ୍ୟ ହେବ ରେଳ ବିଭାଗରେ ପ୍ରବେଶ କରିବାକୁ ଥିବା ଘରୋଇ ରେଳ କମ୍ପାନୀ ଓ ଭାରତୀୟ ରେଳ ମଧ୍ୟରେ ନିୟନ୍ତ୍ରଣ ରକ୍ଷା କରିବା ଓ ଯାତ୍ରୀଭଡ଼ା ସ୍ଥିର କରିବା (୨) ଏକ ଟ୍ରାକ୍ ହୋଲ୍ଡିଂ କମ୍ପାନୀ ଗଠନ କରିବା ଯାହାର କାମ ହେବ ଘରୋଇ ରେଳ କମ୍ପାନୀମାନଙ୍କୁ ରେଲ୍‌ୱେ ଟ୍ରାକ୍‌ରେ ପ୍ରବେଶ ପାଇଁ ଅନୁମତି ଦେବା ଓ ଘରୋଇ ରେଳ ଓ ଭାରତୀୟ ରେଳ ମଧ୍ୟରେ ନିରପେକ୍ଷଭାବରେ ସମନ୍ୱୟ ରକ୍ଷା କରିବା (୩) ରେଳବଗି ଓ ରେଳ ଇଞ୍ଜିନ୍ ନିର୍ମାଣ କାମ ଘରୋଇ କମ୍ପାନୀକୁ ଦେବା । (୪) ରେଳ ବିଭାଗର କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ସ୍କୁଲ୍, କଲେଜ, ହସ୍ପିଟାଲ୍‌ଗୁଡ଼ିକୁ ସାଧାରଣ ସ୍କୁଲ ଓ ହସପିଟାଲ ସହ ମିଶାଇଦେବା (୫) ସମୟ କ୍ରମେ ରେଳ ମନ୍ତ୍ରଣାଳୟକୁ ଉଠାଇଦେଇ ପରିବହନ ମନ୍ତ୍ରଣାଳୟରେ ମିଶାଇ ଦେବା, ଇତ୍ୟାଦି ।

''ରାକେଶ୍ ମୋହନ କମିଟି'' ୨୦୦୧ ମସିହାରେ ଯେଉଁ ସବୁ ସୁପାରିଶ୍ କରିଥିଲେ ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ଥିଲା – ରେଲ୍‌ୱେ ବୋର୍ଡ଼କୁ ଉଠାଇଦେବା, ଏକ ରେଳ କର୍ପୋରେସନ୍ ଗଠନ କରିବା, ରେଳବାଇର ସମସ୍ତ ଉତ୍ପାଦନ କେନ୍ଦ୍ର ଯଥା ରେଳଇଞ୍ଜିନ୍, କୋଚ୍, ଚକ–ଅଖଗୁଡ଼ିକର ଉଭୟ ଉତ୍ପାଦନ ଓ ମରାମତି କେନ୍ଦ୍ରଗୁଡ଼ିକୁ ଘରୋଇ କରଣ କରିବା, ରେଳ ବଜେଟ୍ ଉଠାଇଦେବା, କ୍ୟାଟରିଂ ସର୍ଭିସ୍ ପାର୍ସଲବୁକିଂ, ଟିକେଟ୍ ବୁକିଂ କାମକୁ ଘରୋଇ କରଣ କରିବା (କାର୍ଯ୍ୟକାରୀ ହୋଇସାରିଛି), ରେଲ୍‌ୱେ ପ୍ରିଣ୍ଟିଂ ପ୍ରେସ୍‌ର ଘରୋଇ କରଣ କରିବା, ରେଲ୍‌ୱେ କ୍ୱାଟର୍ସଗୁଡ଼ିକୁ ବିକ୍ରି କରି ପ୍ରାୟ ୨୦,୦୦୦ କୋଟି ଟଙ୍କା ଆୟ କରିବା, ବିଭିନ୍ନ ବର୍ଗର ଯାତ୍ରୀମାନଙ୍କୁ ଯାତ୍ରୀଭଡ଼ାରେ ଯେଉଁ ରହାତି ବା **Concession** ମିଳୁଛି ସେଗୁଡ଼ିକୁ ବନ୍ଦ କରିବା ଇତ୍ୟାଦି ।

ରାକେଶ୍ ମୋହନ କମିଟିର ସୁପାରିଶ୍ ଗୁଡ଼ିକୁ ରେଳବାଇ କ୍ଷେତ୍ରରେ ଥିବା ଶ୍ରମିକ ସଙ୍ଗଠନ ଗୁଡ଼ିକ ସେତେବେଳେ ପ୍ରବଳ ବିରୋଧ କରିଥିଲେ । ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ୨୦୦୯–୧୦ ଓ ୨୦୧୪–୧୫ ମଧ୍ୟରେ ପ୍ରାୟ ୮୦୩ ଟି ଭୟାଭୟ ରେଳ ଦୁର୍ଘଟଣା ଘଟିଥିଲା ଓ ତନ୍ମଧ୍ୟରୁ ୩୭୩ଟି ଦୁର୍ଘଟଣା ଲାଇନ୍‌ଚ୍ୟୁତ ହେବା କାରଣରୁ ହୋଇଛି । ତେଣୁ ରେଳ ସୁରକ୍ଷା ପ୍ରତି କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେବା ବିଧେୟ । ଦୁର୍ବଳ ଧାରଣାଗୁଡ଼ିକୁ ସମ୍ପୂର୍ଣ୍ଣ ବଦଳାଇ ନୂତନ ଭାବେ ନିର୍ମାଣ ଯୁଦ୍ଧ କାଳୀନ ଭିତ୍ତିରେ କରାଯିବା ଜରୁରୀ ହୋଇପଡ଼ିଛି । ଏଥିପାଇଁ ରେଳ ବିଭାଗକୁ ସ୍ୱତନ୍ତ୍ର ଅନୁଦାନ ଆବଶ୍ୟକ । କିନ୍ତୁ ତାହା ନ କରି ରେଳ ବଜେଟ୍‌କୁ ସାଧାରଣ ବଜେଟ୍‌ରେ ମିଶାଇ ଦେଇ ରେଳ ବିଭାଗର **PSU** ଗୁଡ଼ିକର ନିଜସ୍ୱ ଆୟରୁ ପ୍ରାୟ ୮୫୦ କୋଟି ଟଙ୍କା ଓଲଟା କାଢ଼ିନେଇ ଅର୍ଥମନ୍ତ୍ରଣାଳୟକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଘଟଣା ଅଟେ ।

ରେଳ ବିଭାଗକୁ ଘରୋଇକରଣ କରାଯିବ ନାହିଁ ବୋଲି ଖୋଦ୍ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ଅନେକ ବୟାନ ଦେଉଥିଲେ ମଧ୍ୟ କାର୍ଯ୍ୟତଃ ବିପରୀତ ମୁଖୀ ପଦକ୍ଷେପ ନିଆଯାଉଛି । ଟ୍ରାକ୍ ଗୁଡ଼ିକର ନିର୍ମାଣ ଓ ମରାମତି ଘରୋଇ ଠିକାଦାରମାନଙ୍କୁ ଦିଆଯାଉଛି, ରେଳ ୱାଗନ ତିଆରି କାରଖାନା ଘରୋଇ ମାଲିକାନାରେ ଅଛି । **Ticket Booking** ଆଉଟ୍ ସୋର୍ସିଂ ହେଲା, କ୍ୟାଟରିଂ ସେବା ଓ ସଫେଇକାମ ଘରୋଇ ମାଲିକାନାକୁ ଗଲା । **Hill** ରେଲୱେ ଓ ମେଟ୍ରୋ ରେଲୱେ ଘରୋଇ ମାଲିକାନାକୁ ଯିବାକୁ ନିଷ୍ପତ୍ତି ହୋଇଛି । ବୁଲେଟ୍ ଟ୍ରେନ୍‌ର ପ୍ରଚଳନ ପାଇଁ ସ୍ୱତନ୍ତ୍ର ଟ୍ରାକ୍ ନିର୍ମାଣ ଓ ଟ୍ରେନ୍ ପରିଚାଳନା ପାଇଁ ବିଦେଶୀ କମ୍ପାନୀମାନଙ୍କ ସହ କଥାବାର୍ତ୍ତା ଚାଲିଛି । ରେଳଭଡ଼ା, ରିଜର୍ଭେସନ୍ ଫି ଓ ଟିକେଟ୍ ବାତିଲ ଫିର ପରିମାଣ ବାରମ୍ବାର ବୃଦ୍ଧି ଘଟୁଛି । ୪ ମାସ ଆଗରୁ ଟିକେଟ୍ ରିଜର୍ଭେସନ୍ ନିୟମ କରାଯାଇ ଜନସାଧାରଣଙ୍କର ପର୍ଯ୍ୟାପ୍ତ ଅର୍ଥ ଅଧିକ ଦିନ ପର୍ଯ୍ୟନ୍ତ ରେଳବାଇରେ ବିନିଯୋଗର ବ୍ୟବସ୍ଥା ହୋଇଛି । ଭାରତୀୟ ରେଳ ହେଉଛି ଭାରତ ଦେଶ ପରି ଏକ ବିଶାଳ ଭୂଖଣ୍ଡର ଏକତା ଓ ସଂହତିର ପ୍ରତୀକ । ଏହା ଦେଶର ଜୀବନ ରେଖା (**Life Line**) ଭାବରେ ପ୍ରଖ୍ୟାତ । ଭାରତୀୟ ରେଳକୁ ପର୍ଯ୍ୟାୟକ୍ରମେ ଘରୋଇକରଣ କଲେ ଦେଶର ଐକ୍ୟ ଓ ସଂହତି ବିପନ୍ନ ହେବ । ରେଳଭଡ଼ାର ମାତ୍ରାଧିକ ବୃଦ୍ଧି ଘଟିବ । ରେଳ ସୁରକ୍ଷା ଗୁରୁତର ବାଧାପ୍ରାପ୍ତ ହେବ । ଭାରତୀୟ ରେଳ ଦେଶର ଜାତୀୟ ସମ୍ପତ୍ତି । ଏହାର ସୁରକ୍ଷା ଓ ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ା । ଏହାର ଘରୋକରଣର ଯେକୌଣସି ଉଦ୍ୟମକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଛି ଭାରତର ପ୍ରମୁଖ ଶ୍ରମିକ ସଙ୍ଗଠନ **CITU** ।

❖ ❖ ❖



# -: ମଇ ଦିବସରୁ ଅକ୍ଟୋବର ବିପ୍ଳବ :-

## -: ଶ୍ରମିକ ଶ୍ରେଣୀର ଗୌରବମୟ ସଂଗ୍ରାମ:-

## (୧୮୮୬-୧୯୧୭)

ରବିନାରାୟଣ ମଲ୍ଲିକ୍ ,
ପୂର୍ବତନ ସଭାପତି, ସି.ଡ଼ି.ଆଇ.ଇ.ଏ.

୨୦୧୭ ମସିହା ହେଉଛି ମହାନ୍ ଅକ୍ଟୋବର ବିପ୍ଳବର ଶତବାର୍ଷିକୀ । ଏହି ବର୍ଷ ମଧ ''ପୁଞ୍ଜି'' ଗ୍ରନ୍ଥ ପ୍ରକାଶନର ସାର୍ଦ୍ଧ ଶତବାର୍ଷିକୀ (୧୫୦ ବର୍ଷ) ପାଳିତ ହୋଇଛି । ''ପୁଞ୍ଜି'' ଗ୍ରନ୍ଥର ପ୍ରଥମ ଖଣ୍ଡ ୧୮୧୭ ସେପ୍ଟେମ୍ବରରେ ମାର୍କ୍ସଙ୍କର ଜୀବଦ୍ଦଶାରେ ପ୍ରକାଶିତ ହୋଇଥିଲା । ଏହାର ଦ୍ୱିତୀୟ ଓ ତୃତୀୟ ଖଣ୍ଡର ପ୍ରକାଶନ ସମ୍ଭବ ହୋଇଥିଲା ୧୮୮୬ରେ ଅର୍ଥାତ୍ ମାର୍କ୍ସଙ୍କର ମୃତ୍ୟୁର ତିନି ବର୍ଷ ପରେ । ଏଙ୍ଗେଲ୍ସଙ୍କ ତତ୍ତ୍ୱାବଧାନରେ । ୨୦୧୭ ମସିହା ଆଉ ଏକ କାରଣରୁ ଗୁରୁତ୍ୱପୂର୍ଣ୍ଣ । ଏହି ବର୍ଷ ମଇ ୫ ତାରିଖରୁ ବିଶ୍ୱବ୍ୟାପୀ ଆରମ୍ଭ ହୋଇଛି କାର୍ଲ ମାକ୍ସଙ୍କର ଦ୍ୱିଶତବାର୍ଷିକୀ ଜୟନ୍ତୀ ପାଳନର କାର୍ଯ୍ୟକ୍ରମ । ଏ ତିନୋଟି ଯାକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ସଭ୍ୟମାନଙ୍କୁ ଶ୍ରମିକ ଶ୍ରେଣୀର ଚେତନାରେ ସମୃଦ୍ଧ କରିବାକୁ ଏବଂ ରାଜନୈତିକ-ମତାଦର୍ଶଗତ ଭାବେ ଶିକ୍ଷିତ କରିବା ପ୍ରତ୍ୟେକ ସଚେତନ ଟ୍ରେଡ୍ ୟୁନିୟନ୍‌ର କର୍ତ୍ତବ୍ୟ ।

### ଅକ୍ଟୋବର ବିପ୍ଳବର ତାତ୍ପର୍ଯ୍ୟ ?

ଜାର୍ ଶାସିତ ଋଷିଆରେ ଶ୍ରମିକ ଶ୍ରେଣୀ ନେତୃତ୍ୱରେ ମହାନ୍ ଅକ୍ଟୋବର ସମାଜବାଦୀ ବିପ୍ଳବ ସଫଳ ହୋଇଥିଲା ପୁରୁଣା ଜାର୍ ଶାସନର କ୍ୟାଲେଣ୍ଡର ଅନୁସାରେ ୨୫ ଅକ୍ଟୋବର ୧୯୧୭ରେ । ଏବେ ପ୍ରଚଳିତ ଗ୍ରିଗୋରିଆନ୍ କ୍ୟାଲେଣ୍ଡରରେ ଏହା ୭ ନଭେମ୍ବର । ତେଣୁ ଏହାକୁ ନଭେମ୍ବର ବିପ୍ଳବ ବୋଲି ମଧ କୁହାଯାଇଥାଏ । ଏହି ଅକ୍ଟୋବର ବିପ୍ଳବର ତାତ୍ପର୍ଯ୍ୟ କ'ଣ ? ଏହାର ଉତ୍ତର ହେଉଛି, ମାନବ ସଭ୍ୟତାର ଇତିହାସରେ ଏହା ହେଉଛି ପ୍ରଥମ ବିପ୍ଳବ ଯେଉଁଥିରେ ଶ୍ରେଣୀ ଶୋଷଣର ଅବସାନ ଘଟିଥିଲା । ଏହା ପୂର୍ବରୁ ଯେତେ ସବୁ ବିପ୍ଳବ ସଫଳ ହୋଇଥିଲା ସେଥିରେ ଗୋଟିଏ ଶୋଷକ ଶ୍ରେଣୀର ଶାସନର ଅବସାନ ଘଟି ଆଉ ଏକ ଶୋଷକ ଶ୍ରେଣୀ କ୍ଷମତାସୀନ ହୋଇଥିଲା । ଏହାର ଏକମାତ୍ର ବ୍ୟତିକ୍ରମ ଥିଲା ୧୮୭୧ ମସିହାରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ସହରରେ ଘଟିଥିବା ବିପ୍ଳବ ଯାହା ପ୍ୟାରିକମ୍ୟୁନ୍ ନାମରେ ପରିଚିତ । ଏହାର ଆୟୁଷ ଥିଲା ମାତ୍ର ଦୁଇ ମାସରୁ ଦଶ ବାର ଦିନ ଅଧିକ ଓ ପରିସର ଥିଲା ସୀମିତ । ତେଣୁ ୧୯୧୭ରେ ସଫଳ ହୋଇଥିବା ଅକ୍ଟୋବର ବିପ୍ଳବ ହେଉଛି ଧରାପୃଷ୍ଠରେ ବିପ୍ଳବ ଯେଉଁଥିରେ ଶୋଷଣର ଅବସାନ ଘଟିଥିଲା । ଶ୍ରମିକ ଶ୍ରେଣୀ ନେତୃତ୍ୱରେ ଗରିବ ଚାଷୀ, କୃଷି ଶ୍ରମିକ ଆଦି ସମାଜର ସମସ୍ତ ଶୋଷିତ ଶ୍ରେଣୀର ଶାସନ ପ୍ରତିଷ୍ଠା ହୋଇଥିଲା ।

### ଅକ୍ଟୋବର ବିପ୍ଳବର ସୁଦୂରପ୍ରସାରୀ ପ୍ରଭାବ :

ଏହି ଯୁଗାନ୍ତକାରୀ ବିପ୍ଳବର ପ୍ରଭାବ ଥିଲା ସୁଦୂରପ୍ରସାରୀ । ଏହି ପ୍ରଭାବ କେବଳ ଋଷିଆ ଭୂଖଣ୍ଡରେ ସୀମିତ ନ ଥିଲା । ସମଗ୍ର ବିଶ୍ୱ ବିଶେଷତଃ ଔପନିବେଶିକ ଶାସନ ଓ ଶୋଷଣର ଯନ୍ତ୍ର ଗୃହରେ ସଢୁଥିବା ଭାରତବର୍ଷ ପରି ଅନଗ୍ରସର ଦେଶର ଜନସାଧାରଣଙ୍କୁ ଏହା ଅନୁପ୍ରାଣିତ କରିଥିଲା ।

### ସୋଭିଏତ୍ ଋଷିଆ ଉପରେ ପ୍ରଭାବ :

ଅକ୍ଟୋବର ବିପ୍ଳବ ବେଳେ ଋଷିଆ ଥିଲା ଏକ ଅନଗ୍ରସର ଦେଶ । ସାମ୍ରାଜ୍ୟବାଦୀ ଦୁନିଆର ସବୁଠାରୁ ଦୁର୍ବଳ କଡ଼ି । ବହୁ ଜାତି, ଜାତୀୟତାର ଲୋକେ ଏଥିରେ ବସବାସ କରୁଥିଲେ ହେଁ ଏହା ଥିଲା ନିଷ୍ପେସିତ ଜାତିର ଲୋକଙ୍କ ପାଇଁ ବନ୍ଦୀଶାଳା ସଦୃଶ । ଏପରି ଏକ ପଛୁଆ ଦେଶ ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ପୃଥିବୀର ଦ୍ୱିତୀୟ ମହାଶକ୍ତିରେ ପରିଣତ ହୋଇଥିଲା ଅକ୍ଟୋବର ବିପ୍ଳବ ସଫଳ ହେବା ପରେ ପ୍ରତିଷ୍ଠିତ ସମାଜବାଦୀ ସରକାରର ପ୍ରଣୀତ ନୀତି ଯୋଗୁଁ । ଏହି ବିପ୍ଳବର ତିନୋଟି ମୁଖ୍ୟ ସ୍ଲୋଗାନ୍ - ରୋଟି, ଜମି ଓ ଶାନ୍ତି ଅସଂଖ୍ୟ ଋଣ ବାସୀଙ୍କୁ ଆକୃଷ୍ଟ କରିଥିଲା । କୃଷିର ସମବାୟକରଣ, ଆର୍ଥିକ ସଂସ୍ଥା ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଶିଳ୍ପର ଜାତୀୟକରଣ ଏବଂ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ସମସ୍ତ ନାଗରିକଙ୍କୁ ଖାଦ୍ୟ, ନିଯୁକ୍ତି ଓ ନିରାପତ୍ତାର ଗ୍ୟାରେଣ୍ଟି ପ୍ରଦାନ କରାଯାଇଥିଲା ।

ସାମାଜିକ କ୍ଷେତ୍ରରେ ଲିଙ୍ଗ, ଜାତି, ଧର୍ମ, ଜାତୀୟତା ଓ ଭାଷା ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଥିଲା । ଏପରିକି ବିଭିନ୍ନ ଅଂଶ ରାଜ୍ୟର ଅଧିବାସୀଙ୍କୁ ଆତ୍ମନିୟନ୍ତ୍ରଣର ଅଧିକାର ଦିଆଯାଇଥିଲା । ରାଜନୈତିକ କ୍ଷେତ୍ରରେ ସମସ୍ତ ସାବାଳକ ନାଗରିକଙ୍କୁ ସାର୍ବଜନୀନ ଭୋଟ ଦାନର ଅଧିକାର ପ୍ରଦାନ କରାଯାଇଥିଲା ଯାହା ଥିଲା ବିଶ୍ୱରେ ସର୍ବପ୍ରଥମ । ସମାଜବାଦୀ ସୋଭିଏତ୍ ୟୁନିଅନ୍ ବିପ୍ଳବର ମାତ୍ର କେଇ ବର୍ଷ ମଧ୍ୟରେ ସାଫଲ୍ୟ ଅର୍ଜନ କରିଥିଲା ପୁଞ୍ଜିବାଦୀ ବ୍ୟବସ୍ଥା ତା'ର ୩୦୦ ବର୍ଷର ଅସ୍ତିତ୍ୱ ମଧ୍ୟରେ ତାହା କଳ୍ପନା କରି ପାରି ନ ଥିଲା । ଏହି ବିପ୍ଳବ ଯୋଗୁଁ ବିଶ୍ୱର ପୁଞ୍ଜିବାଦୀ ରାଷ୍ଟ୍ରମାନେ ଶ୍ରମିକ ଶ୍ରେଣୀକୁ କିଛିଟା ଅଧିକାର ପ୍ରଦାନ କରିବାକୁ ଏବଂ ଜନମଙ୍ଗଳ କାର୍ଯ୍ୟକ୍ରମ ନେବାକୁ ବାଧ୍ୟ ହୋଇଥିଲେ । ବୈଦେଶିକ ନୀତି କ୍ଷେତ୍ରରେ ସୋଭିଏତ୍ ୟୁନିଅନ୍ ହେଉଛି ପ୍ରଥମ ରାଷ୍ଟ୍ର ଯେ କି ସାମ୍ରାଜ୍ୟବାଦୀ ଯୁଦ୍ଧର ଅବସାନ ଏବଂ ବିଶ୍ୱଶାନ୍ତି ସପକ୍ଷରେ ଦୃଢ଼ ଅବସ୍ଥାନ ଗ୍ରହଣ କରିଥିଲା । ଏ ପ୍ରକାର ଜନଦରଦୀ ନୀତି ଯୋଗୁଁ ବିପ୍ଳବକୁ ବ୍ୟର୍ଥ କରିବାକୁ ଦେଶ ଭିତରର ପ୍ରତିବିପ୍ଳବୀ ଶକ୍ତି ଏବଂ ଚଉଦଟା ସାମ୍ରାଜ୍ୟବାଦୀ ରାଷ୍ଟ୍ରରେ ବାହ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ହୋଇଥିଲା ସୋଭିଏତ୍ ୟୁନିଅନ୍ ।

### ବିଶ୍ୱ ଉପରେ ପ୍ରଭାବ :

ସମଗ୍ର ବିଶ୍ୱର ଅନ୍ୟାନ୍ୟ ଦେଶ ଉପରେ ଅକ୍ଟୋବର ବିପ୍ଳବର ପ୍ରଭାବ ଥିଲା କଳ୍ପନାତୀତ । ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର ପରାଧୀନ ଦେଶର ଜନଗଣଙ୍କର ଔପନିବେଶିକତାବାଦ ବିରୋଧୀ ଜାତୀୟ ମୁକ୍ତି ସଂଗ୍ରାମ ପ୍ରତି ସୋଭିଏତ୍ ୟୁନିଅନ୍‌ର ଅକୁଣ୍ଠ ସମର୍ଥନ ଏସବୁ ସଂଗ୍ରାମରେ ବେଗ ସଞ୍ଚାରିତ କରିଥିଲା । ଏହି ବିପ୍ଳବର ପ୍ରଭାବରେ ଭାରତ ବର୍ଷ, ଚୀନ୍ ସମେତ ବିଭିନ୍ନ ଦେଶରେ କମ୍ୟୁନିଷ୍ଟ ପାର୍ଟି ଓ ଟ୍ରେଡ୍ ୟୁନିଅନ୍ କେନ୍ଦ୍ରମାନ ଜନ୍ମଲାଭ କରିଥିଲା । ୧୯୨୦ରେ ତାସ୍‌କେଣ୍ଟଠାରେ ଭାରତର କମ୍ୟୁନିଷ୍ଟ ପାର୍ଟି ଗଠନ ଏବଂ ସେହି ବର୍ଷ ଅଖିଳ ଭାରତ ଟ୍ରେଡ୍ ୟୁନିଅନ୍ କଂଗ୍ରେସ (AITUC) ପ୍ରତିଷ୍ଠା ହେବା ପଛରେ ସବୁଠାରୁ ବେଶି ଅବଦାନ ଥିଲା ଅକ୍ଟୋବର ବିପ୍ଳବର । କମ୍ୟୁନିଷ୍ଟମାନେ ଭାରତ ବର୍ଷରେ ପ୍ରଥମେ ''ସଂପୂର୍ଣ୍ଣ ସ୍ୱାଧୀନତା''ର ଦାବୀ ଉଠାଇଥିଲେ । ଏପରିକି କଂଗ୍ରେସ ଦଳ ମଧ ''Home rule '' ''dominion status''ର ସ୍ଲୋଗାନ୍ ଛାଡ଼ି ''ପୂର୍ଣ୍ଣସ୍ୱରାଜ''ର

ଦାବୀ ଉଠାଇବାକୁ ବାଧ୍ୟ ହୋଇଥିଲା । ଜବାହରଲାଲ ନେହେରୁ ଓ ରବୀନ୍ଦ୍ର ନାଥ ଠାକୁରଙ୍କ ପରି ତୁଙ୍ଗ ନେତୃତ୍ୱ ମଧ୍ୟ ଅକ୍ଟୋବର ବିପ୍ଳବ ଓ ସୋଭିଏତ୍ ୟୁନିଅନ୍‌ର ସାଫଲ୍ୟର ଦୃଢ଼ ପ୍ରଶଂସକ ହୋଇଯାଇଥିଲେ ।

### ଫାସିବାଦ ବିରୁଦ୍ଧରେ ବିଜୟରେଅଗ୍ରଣୀ ଭୂମିକା

ସମାଜବାଦୀ ସୋଭିଏତ୍ ୟୁନିଅନ୍‌ର ସମଗ୍ର ମାନବ ସଭ୍ୟତା ପ୍ରତି ସବୁଠାରୁ ବଡ଼ ଅବଦାନ ଥିଲା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ । ଫାସିବାଦ ବିରୁଦ୍ଧରେ ସୋଭିଏତ୍ ଲାଲ୍ ସେନାର ବିଜୟରେ ଦୁଇ କୋଟି ସୋଭିଏତ୍ ଜନସାଧାରଣ ପ୍ରାଣବଳି ଦେଇଥିଲେ ଯାହା ଥିଲା ଯୁଦ୍ଧରେ ନିହତ ସଂଖ୍ୟାର ୪୦ ଶତାଂଶ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାପୀ ସାମ୍ରାଜ୍ୟବାଦ ବିରୋଧୀ ମୁକ୍ତି ସଂଗ୍ରାମ ପ୍ରଖର ହୋଇଥିଲା । ପୂର୍ବ ଜର୍ମାନୀ, ଉତ୍ତର କୋରିଆ, ଚୀନ୍, କ୍ୟୁବା ଓ ଭିଏତ୍‌ନାମରେ ସମାଜବାଦ ପ୍ରତିଷ୍ଠା ହେଲା । ଭାରତ ସମେତ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକା ବହୁ ପରାଧୀନ ଦେଶ ସ୍ୱାଧୀନତା ହାସଲ କଲେ । ଏସବୁ ନବ୍ୟ ସ୍ୱାଧୀନ ଦେଶର ପୁନଃନିର୍ମାଣ ଓ ସ୍ୱାବଲମ୍ବନଶୀଳତା ଅର୍ଜନରେ ସୋଭିଏତ୍ ୟୁନିଅନ୍‌ର ସହଯୋଗ ଥିଲା କଳ୍ପନାତୀତ ।

### ବିଶ୍ୱ ଶାନ୍ତି ଓ ନିରସ୍ତ୍ରୀକରଣ କ୍ଷେତ୍ରରେ ଅବଦାନ :

ଅନୁରୂପ ଭାବରେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଓ ନିରସ୍ତ୍ରୀକରଣ କ୍ଷେତ୍ରରେ ସୋଭିଏତ୍ ୟୁନିଅନର ଦୃଢ଼ ଅବସ୍ଥାନ ଯୁଦ୍ଧଖୋର ସାମ୍ରାଜ୍ୟବାଦ ବିରୁଦ୍ଧରେ ଏକ ଅଭେଦ୍ୟ ପ୍ରାଚୀର ରୂପେ ଦଣ୍ଡାୟମାନ ହୋଇଥିଲା ।

### ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ

ବିଜ୍ଞାନ, ପ୍ରଯୁକ୍ତି, କ୍ରୀଡ଼ା, ସଂସ୍କୃତିଠାରୁ ନେଇ ମହାକାଶ ଗବେଷଣା ପରି କ୍ଷେତ୍ରରେ ସୋଭିଏତ୍ ୟୁନିଅନ୍‌ର ଅଗ୍ରଗତି ସମଗ୍ର ବିଶ୍ୱର ଆଖି ଝଲସାଇ ଦେଇଥିଲା । ମହାକାଶକୁ ସ୍ପୁଟନିକ୍ ପଠାଇବା, ପ୍ରଥମ ମହାକାଶଚାରୀ ଭାବେ ୟୁରି ଗାଗାରିନ୍‌ଙ୍କୁ ମହାକାଶକୁ ପ୍ରେରଣ ଏବଂ କ୍ରମାଗତ ଭାବେ ବର୍ଷ ବର୍ଷ ଧରି ଅଲିମ୍ପିକ୍ ପଦକ ତାଲିକାରେ ସୋଭିଏତ୍ ୟୁନିଅନ୍ ଶୀର୍ଷରେ ରହିବାର କୃତିତ୍ୱ ଇତିହାସରୁ ପୋଛିଦେବା ସମ୍ଭବ ନୁହେଁ ।

### ସମାଜବାଦର ବିପର୍ଯ୍ୟୟରୁ ଶିକ୍ଷା

୧୯୯୦-୯୧ରୁ ସୋଭିଏତ୍ ୟୁନିଅନ୍ ଓ ଅନ୍ୟାନ୍ୟ ପୂର୍ବ ଇଉରୋପୀୟ ଦେଶରେ ସମାଜବାଦୀ ବ୍ୟବସ୍ଥାରେ ବିପର୍ଯ୍ୟୟ ଘଟିଛି । ମୁଖ୍ୟତଃ ଚାରୋଟି କାରଣରୁ ଏପରି ଘଟିଛି ।

୧) ଶତ୍ରୁକୁ ଊଣା କରି ଦେଖିବା ଓ ନିଜ ଶକ୍ତିକୁ ଅତିରଞ୍ଜିତ କରି ଦେଖିବା ।
୨) ସମାଜବାଦୀ ଗଣତନ୍ତ୍ରର ବିକାଶ ପ୍ରତି ଅବହେଳା କରିବା ।
୩) ଆଦର୍ଶଗତ ଶିକ୍ଷା ପ୍ରତି ଗୁରୁତ୍ୱ ନ ଦେବା ।
୪) ପରିବର୍ତ୍ତନ ସହ ଖାପ ଖୁଆଇ ଅର୍ଥନୀତିରେ ସୁଧାର ନ କରିବା ।

ମାତ୍ର ଏଥିରୁ ଅକ୍ଟୋବର ବିପ୍ଳବର ଆଦର୍ଶ ବା ଶ୍ରମିକ ଶ୍ରେଣୀର ମତାଦର୍ଶ ଯେ ଭୁଲ୍ ପ୍ରମାଣିତ ହୋଇଯାଇଛି ଏପରି ବିଚାର ସାଂଘାତିକ । ବରଂ ଏହା ଆଖିରେ ଆଙ୍ଗୁଳି ଗେଞ୍ଜି ପ୍ରମାଣ କରିଛି ଯେ ଆଦର୍ଶରୁ ବିଚ୍ୟୁତ ହେଲେ ପରିଣତି କିପରି ଭୟଙ୍କର ହୋଇପାରେ ।

### ମଇ ଦିବସରୁ ଅକ୍ଟୋବର ବିପ୍ଳବ : ଶ୍ରମିକ ଶ୍ରେଣୀର ଘୋଷଯାତ୍ରା

୧୮୮୬ ମସିହା ମଇ ମାସରେ ଆମେରିକାର ଚିକାଗୋ ସହରରେ ସଂଗଠିତ ଶ୍ରମିକ ଶ୍ରେଣୀର ରକ୍ତକ୍ଷୟୀ ସଂଗ୍ରାମରୁ ମଇ ଦିବସର ସୃଷ୍ଟି । ସେହି ସଂଗ୍ରାମର ମୁଖ୍ୟ ଦାବୀ ଥିଲା ଦୈନିକ ୮ ଘଣ୍ଟାର କାର୍ଯ୍ୟ ସମୟ । ଏହାର ପ୍ରାୟ ୬୦ ବର୍ଷ ପୂର୍ବରୁ ୧୮୨୭ରେ ଆମେରିକାର ନ୍ୟାସନାଲ୍ ଲେବର ୟୁନିଅନ୍ ତା'ର ପ୍ରତିଷ୍ଠା ସମ୍ମିଳନୀରେ ପ୍ରସ୍ତାବ ନେଲା – ''ପୁଞ୍ଜିବାଦୀ ଦାସତ୍ୱରୁ ଶ୍ରମକୁ ମୁକ୍ତି କରିବା ପାଇଁ କାମ କରିବାର ସମୟ ହ୍ରାସ ଅତ୍ୟନ୍ତ ପ୍ରୟୋଜନ'' । ୧୮୬୬ ମସିହାରେ ଜେନେଭାଠାରେ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତିକ (**First International**) ପ୍ରଥମ କଂଗ୍ରେସର ପ୍ରତିନିଧିମାନଙ୍କ ପାଇଁ ମାର୍କ୍ସ ଲେଖିଥିଲେ, ''ଶ୍ରମିକମାନଙ୍କ ଉନ୍ନତି ଓ ମୁକ୍ତି ପାଇଁ ପ୍ରାଥମିକ ସର୍ତ୍ତ ହେଲା କାମ କରିବାର ସମୟ ହ୍ରାସ କରିବା । ଏହା ବିନା ଆଉ ସବୁ ଉଦ୍ୟମ ନିଷ୍ଫଳ ହେବ । ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ ଶକ୍ତିର ପୁନଃ ପ୍ରତିଷ୍ଠା ପାଇଁ ଏହା ଏକାନ୍ତ ପ୍ରୟୋଜନ । ସେମାନେ ହେଉଛନ୍ତି ପ୍ରତ୍ୟେକ ଦେଶର ମୂଳ ଆଧାର । ଶ୍ରମିକ ଶ୍ରେଣୀର ବୌଦ୍ଧିକ ବିକାଶ, ସାମାଜିକ ଭାବ ବିନିମୟ ଓ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ତାହା ଆବଶ୍ୟକ । ଦିନକୁ ୮ ଘଣ୍ଟା କାମର ସମୟସୀମା ଆଇନତଃ ଆଠ ଘଣ୍ଟା ହେବା ଲାଗି ଆମର ପ୍ରସ୍ତାବ । ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରମିକମାନଙ୍କର ଏହା ସାଧାରଣ ଦାବୀ । ଏହି କଂଗ୍ରେସ୍‌ର ଭୋଟ ଫଳରେ ଏହା ସମଗ୍ର ବିଶ୍ୱର ଶ୍ରମିକ ଶ୍ରେଣୀର ସାଧାରଣ ଦାବୀରେ ପରିଣତ ହେବ ।''

ମାର୍କ୍ସଙ୍କର ବିୟୋଗ ଘଟିଲା ୧୮୮୩ ମାର୍ଚ୍ଚ ୧୪ରେ ଅର୍ଥାତ୍ ୧୮୮୬ର ଚିକାଗୋ ସଂଗ୍ରାମର ୩ ବର୍ଷ ପୂର୍ବରୁ । ୧୮୯୦ ମସିହାରେ ସାରା ବିଶ୍ୱରେ ଶ୍ରମିକ ଶ୍ରେଣୀର ଆନ୍ତର୍ଜାତୀୟ ସଂହତିର ଦିବସ ଭାବେ ମଇ ଦିବସ ପାଳିତ ହେଲା । ସେହି ୧୯୮୦ ମଇ ପହିଲାରେ କମ୍ୟୁନିଷ୍ଟ ଇସ୍ତାହାରର ୪ର୍ଥ ସଂସ୍କରଣର ମୁଖବନ୍ଧରେ ଏଙ୍ଗେଲ୍‌ସ୍ ଲେଖିଲେ । ''ମୁଁ ଏହି କେଇ ଧାଡ଼ି ଲେଖିଲା ବେଳକୁ ୟୁରୋପ ଓ ଆମେରିକାର ସର୍ବହରା ଶ୍ରେଣୀ ସେମାନଙ୍କର ଶକ୍ତିର ସମୀକ୍ଷା କରୁଛନ୍ତି । ପ୍ରଥମ ଥର ପାଇଁ ସେମାନେ ଗୋଟିଏ ସେନା ବାହିନୀ ଭାବେ ସଂଗଠିତ ହୋଇ, ଗୋଟିଏ ପତାକା ତଳେ ଗୋଟିଏ ନଗଦ ଲକ୍ଷ୍ୟ – ଆଠ ଘଣ୍ଟା କାର୍ଯ୍ୟ ଦିବସର ଆଇନ୍ ପ୍ରଣୟନ ପାଇଁ ସଂଗ୍ରାମ କରୁଛନ୍ତି । ଏହି ଚିତ୍ର ସବୁ ଦେଶର ପୁଞ୍ଜିପତି ଓ ଭୂସ୍ୱାମୀମାନଙ୍କୁ ଚେତାଇ ଦେବ ଯେ ସବୁ ଦେଶର ସର୍ବହରା ଶ୍ରମିକ ଶ୍ରେଣୀ ଆଜି ଐକ୍ୟବଦ୍ଧ । ଆହା ! ଏଇ ଚିତ୍ର ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କରିବା ପାଇଁ ମୋ ସହିତ ଆଜି ମାର୍କ୍ସ ଥାଆନ୍ତେ କି !'' ଅନୁରୂପ ଭାବେ ୧୯୦୦ ମସିହାର ମଇ ଦିବସ ପାଇଁ ପ୍ରକାଶିତ ପ୍ରଚାର ପତ୍ରର ରଚୟିତା ଥିଲେ ଲେନିନ୍ । ସେ ଲେଖିଛନ୍ତି,'' .... ଆଠ ଘଣ୍ଟା କାମର ଦାବୀ ହେଉଛି ସମଗ୍ର ଶ୍ରମିକ ଶ୍ରେଣୀର ଦାବୀ । ଏହା କୌଣସି ଏକ ନିର୍ଦ୍ଦିଷ୍ଟ ମାଲିକ କିମ୍ବା ନିଯୁକ୍ତିଦାତା ପାଖରେ ଶ୍ରମିକ ଶ୍ରେଣୀର ଦାବୀ ନୁହେଁ । ବର୍ତ୍ତମାନ ଯୁଗର ସାମାଜିକ – ରାଜନୈତିକ ବ୍ୟବସ୍ଥାକୁ ପ୍ରତିନିଧିତ୍ୱ କରୁଥିବା ସରକାର, ସମଗ୍ର ପୁଞ୍ଜିପତି ଶ୍ରେଣୀ, ସମସ୍ତ ପ୍ରକାର ଉତ୍ପାଦନର ଉପାୟ (**means**)ର ମାଲିକଙ୍କ ଟିକଟରେ ଶ୍ରମିକ ଶ୍ରେଣୀର ସାମୂହିକ ଦାବୀ ''। ଏଥିରୁ ସ୍ପଷ୍ଟ ବୁଝିହେବ ମହାନ୍ ଅକ୍ଟୋବର ବିପ୍ଳବର ସାଫଲ୍ୟ ପଛରେ ମଇ ଦିବସର ସଂଗ୍ରାମର ଅମୂଲ୍ୟ ଅବଦାନ । ସଂକ୍ଷେପରେ କହିଲେ ମହାନ୍ ଅକ୍ଟୋବର ବିପ୍ଳବ ହେଉଛି ମଇ ଦିବସର ବୈପ୍ଳବିକ ପରମ୍ପରାର ମୂର୍ତ୍ତୀମନ୍ତ ପ୍ରତୀକ ।

### ଆଜିର ପରିସ୍ଥିତି ଓ କର୍ତ୍ତବ୍ୟ

୧୮୮୬ ମସିହା ବା ୧୯୧୭ ମସିହାରେ ପରିସ୍ଥିତିଠାରୁ ଆଜିର ପରିସ୍ଥିତି ଭିନ୍ନ । ମାତ୍ର ଗୋଟିଏ ମୌଳିକ ବିଷୟ ସମାନ ରହିଛି । ତାହା ହେଉଛି ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥାର ସଂକଟ, ଶୋଷଣ ଓ ଆକ୍ରମଣ । ଏହାର ରୂପରେ ପରିବର୍ତ୍ତନ ଘଟିଛି, ମାତ୍ର ଗୁଣଗତ ଚରିତ୍ରରେ ନୁହେଁ । ସେତେବେଳେ

ପୁଞ୍ଜିବାଦୀ ବ୍ୟବସ୍ଥାରେ କିଛି ସମୟ ବ୍ୟବଧାନରେ ସଂକଟ ତୀବ୍ର ରୂପ ଧାରଣ କରୁଥିଲା ଯାହାକୁ **Cyclical Crisis** କୁହାଯାଇପାରିବ । ଏବେ ତାହା ବ୍ୟବସ୍ଥାଗତ ସଂକଟ ଅର୍ଥାତ୍ **systemic crisis** ର ରୂପ ନେଇଛି । ୨୦୦୮ ମସିହାର ସଂକଟ ଦୀର୍ଘ ୮ ବର୍ଷ ପରେ ମଧ୍ୟ ପ୍ରଶମିତ ହେବାର ନାଁ ଧରୁନାହିଁ । ସେ ସମୟରେ ପୁଞ୍ଜିବାଦୀ ଶୋଷଣ ଥିଲା ଖୋଲା ଖୋଲି ଭାବେ ନିର୍ମମ ନିଷ୍ଠୁର । ଆଜିର ଯୁଗରେ ତାହା ନାନା ଧୂର୍ତ୍ତ ଉପାୟରେ ଚାଲିଛି । ମାତ୍ର ଶୋଷଣ ଓ ବୈଷମ୍ୟ ଉତ୍କଟ ହୋଇ ଚାଲିଛି, ଶ୍ରମିକ ଶ୍ରେଣୀର ମଜୁରୀ, ଅଧିକାର ଓ ନିରାପତ୍ତା ଉପରେ ନଗ୍ନ ଆକ୍ରମଣ ଚାଲିଛି । ଜନ କଲ୍ୟାଣମୂଳକ ବ୍ୟୟ ହ୍ରାସ କରାଯାଇ ସଂକଟର ବୋଝ ସାଧାରଣ ଲୋକଙ୍କ ଉପରେ ଲଦି ଦିଆଯାଉଛି । ପୁଞ୍ଜିର ଠୁଳୀକରଣ ଓ କେନ୍ଦ୍ରୀକରଣ ଏପରି ପର୍ଯ୍ୟାୟରେ ପହଞ୍ଚିଛି ଯେ ବିଶ୍ୱର ମାତ୍ର ୮ ଜଣ ଧନ କୁବେର ସମଗ୍ର ବିଶ୍ୱର ୫୦ ଭାଗ ସଂପଦର ମାଲିକ ହୋଇଯାଇଛନ୍ତି । ଏହା ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ଓ ସାଧାରଣ ଲୋକଙ୍କର ସଂଗ୍ରାମ ବଢୁଛି । ମାତ୍ର ପୁଞ୍ଜିବାଦୀ ଶୋଷଣକୁ ପ୍ରତିହତ କରି ଏକ ବିକଳ୍ପ ମାନବବାଦୀ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଶକ୍ତି ଅର୍ଜନ କରି ପାରିନାହିଁ । ଫଳରେ ଚରମ ଦକ୍ଷିଣପନ୍ଥୀ ପ୍ରତିକ୍ରିୟାଶୀଳ ଶକ୍ତିଙ୍କର ପ୍ରଭାବ ଭୟଙ୍କର ହେବାରେ ଲାଗିଛି । ବ୍ରିଟେନ୍‌ରେ ବ୍ରେକ୍‌ଜିଟ୍, ଆମେରିକା ରାଷ୍ଟ୍ରପତି ଭାବେ ଟ୍ରମ୍ପ୍‌ଙ୍କର ବିଜୟ ଆଦି ଘଟଣା ଏ ବିପଦର ଅଶନି ସଂକେତ ବହନ କରୁଛି ।

## ଭାରତର ପରିସ୍ଥିତି

ଭାରତ ବର୍ଷରେ ମଧ୍ୟ ଏହି ପରିସ୍ଥିତି ବିରାଜମାନ । ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ବି.ଜେ.ପି ପରିଚାଳିତ ସରକାରର ଗତ ତିନି ବର୍ଷ ମଧ୍ୟରେ କର୍ପୋରେଟ୍ ଓ ବହୁଜାତିକ କମ୍ପାନୀ ସପକ୍ଷବାଦୀ ଆର୍ଥିକ ନୀତି କ୍ଷୀପ୍ର ହୋଇଛି । ଶ୍ରମିକ ଶ୍ରେଣୀର କର୍ମନିଯୁକ୍ତି, ମଜୁରୀ ନିରାପତ୍ତା ଓ ଅଧିକାର ଉପରେ ଆକ୍ରମଣ ତୀବ୍ର ହେଉଛି । ଜନ କଲ୍ୟାଣମୂଳକ ବ୍ୟୟ ହ୍ରାସ କରାଯାଉଛି । ସଂଖ୍ୟାଲଘୁ, ଦଳିତ, ଆଦିବାସୀ ଓ ମହିଳାଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛ । ସଂସଦୀୟ ଗଣତନ୍ତ୍ରର ସମସ୍ତ ଅନୁଷ୍ଠାନ, ବିଚାର ବ୍ୟବସ୍ଥା, ସ୍ୱାଧୀନ ମତ ପ୍ରକାଶ ସବୁ କିଛି ଉପରେ ଆକ୍ରମଣ ଚାଲିଛି ଦେଶ ପ୍ରେମ ଓ ସଂସ୍କୃତି ରକ୍ଷା ନାଁରେ । ଅର୍ଥବଳ, ବାହୁବଳ ସାଙ୍ଗକୁ ବଶମ୍ବଦ ପ୍ରଚାର ମାଧ୍ୟମ ସାହାଯ୍ୟରେ ନିର୍ବାଚନ ଜିଣି କ୍ଷମତାର ଆସ୍ଥାନକୁ ସୁଦୃଢ଼ କରାଯାଉଛି ।

## ଶ୍ରମିକ ଶ୍ରେଣୀର କର୍ତ୍ତବ୍ୟ

ଶ୍ରମଜୀବୀ ଜନଗଣଙ୍କର ଏକତା ଓ ସଂଗ୍ରାମକୁ ସୁଦୃଢ଼ ଓ ସଂପ୍ରସାରିତ କରିବା ଜରିଆରେ ହିଁ ଏହି ଦ୍ୱୈତ ବିପଦ – କର୍ପୋରେଟ୍ ସପକ୍ଷବାଦୀ ଅର୍ଥନୀତି ଓ ସାଂପ୍ରଦାୟିକ ଫାସିବାଦୀ ଆକ୍ରମଣକୁ ପ୍ରତିହତ କରିବା ସମ୍ଭବ । ଶ୍ରମଜୀବୀ ଜନଗଣଙ୍କ ସାମନାରେ ଏକ ବିକଳ୍ପ ରଖିପାରିଲେ ହିଁ ସେମାନଙ୍କୁ ସଂଗ୍ରାମ ପ୍ରତି ଆକୃଷ୍ଟ କରିବା ସମ୍ଭବ । ଏହି ବିକଳ୍ପରେ ସାଧାରଣ ଲୋକଙ୍କର ଆଦାୟ ଯୋଗ୍ୟ ଆଶୁ ଦାବୀ –ଖାଦ୍ୟ, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ନିରାପତ୍ତା ପ୍ରସଙ୍ଗ ରହିବ । ସେଥି ସହିତ ମଇ ଦିବସ ଓ ଅକ୍ଟୋବର ବିପ୍ଳବର ଆଦର୍ଶ ହାସଲ କରିବାର ଦୀର୍ଘକାଳୀନ ଲକ୍ଷ୍ୟ ସମ୍ପର୍କରେ ଶିକ୍ଷିତ ଓ ଦୀକ୍ଷିତ ହେବାକୁ ପଡ଼ିବ । ଏହି ଆଦର୍ଶର ଲକ୍ଷ୍ୟ ହେଉଛି ଶୋଷଣମୁକ୍ତ ପୁଞ୍ଜିବାଦୀ ବ୍ୟବସ୍ଥାର ଅବସାନ ଘଟାଇ ଶୋଷଣମୁକ୍ତ ସମାଜବାଦୀ ବ୍ୟବସ୍ଥା ପ୍ରତିଷ୍ଠା କରିବା ।



# ସାମ୍ୟବାଦୀ ବାର୍ତ୍ତା

ନିରଞ୍ଜନ ନାହାକ, ସହ–ସମ୍ପାଦକ,
**BDIEA**, ବ୍ରହ୍ମପୁର

ଆମେ ବୀମା କର୍ମଚାରୀ ଭାଇ ହେ ଭଉଣୀ ।
ଆମେ ଶୁଣୁ ଥାଉ ଦାବୀ ଦୁବାର କାହାଣୀ ॥
ଆମେ ରହିଅଛୁ ସର୍ବେଗୋଟେ ଗଛ ତଳେ ।
ଆମେ ରହିଅଛୁ ସର୍ବେ ଗୋଟେଛତାତଳେ ॥
ଆମେ ରହିଅଛ ସର୍ବେଗୋଟେ ଛାତ ତଳେ ।
ଆମେ ରହିଅଛୁ ସର୍ବେ ଏ ଆକାଶ ତଳେ ॥
ରହିଛୁ,ରହିଛୁ, ରହିବା ହେ ସବୁବେଳେ ।
ମିଥ୍ୟା ପ୍ରଚାର ରେ ଭାସି ଯାଅ ନାହିଁ ହେଳେ ॥
ମଣିଷ ସମାଜ ପାଇଁ ସାମ୍ୟବାଦୀ ବାର୍ତ୍ତା ।
ପାଳନ ନ କରିଲେ ହୋଇବ ଜଗତ ଜିତା ॥
ଆସ ରାମ ଆସ ଶ୍ୟାମ ଆହେ ବଳରାମ ।
ଲଢ଼ି ଦେଖାଇ ଦେବା ସର୍ବେ ଆମର ଦମ୍ ॥
ଆମର ଜାତି ନାହିଁ ଆମର ଧର୍ମ ନାହିଁ ।
ଆମର ବର୍ଣ୍ଣ ନାହିଁ ଆମର ଭେଦ ନାହିଁ ॥
ଆମର ବେଦ ନାହିଁ ଆମର ଭାଷା ନାହିଁ ।
ଆମର ଶକ୍ତି ନାହିଁ ଆମର ଆଶା ନାହିଁ ॥
ଆମେ କହୁଅଛୁ ମଣିଷ ସମାଜ କଥା ।
ଆମେ କହୁ ଅଛୁ ଶ୍ରମିକମାନଙ୍କ ବାର୍ତ୍ତା ॥
ଭାବିଲେ ଚିନ୍ତିଲେ ମନରେ ଲାଗଇ ବ୍ୟଥା ।
ଅନ୍ୟଥାନ ହୋଇଥାଏ ସଙ୍ଗଠନ କଥା ॥
ବେକାରୀଙ୍କ କୋହ ପୁଞ୍ଜିପତିଙ୍କର ମୋହ ।
କହିଥାଏ ହିତ କଥାଟି ସଙ୍ଗଠନ ହୋ ॥
ପାନ, ଦକ୍ଷିଣା ଦେଇ ଶିକ୍ଷା ଶିବିର କର ।
ଶିକ୍ଷା ଲାଭ କରି ଶପଥ ଦିଗେସ୍ୱର ॥
ହେ କରୁଣା କର, ସାଥି ଦିବା କର, ଧର ।
ସମସ୍ତଙ୍କୁ ଲାଲ୍ ସଲାମ ଜଣାଏ ନୀର ॥

❖❖❖



# ପ୍ରଗତି ଓ ଦୁର୍ଗତି ଦୋଛକିରେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଉଦ୍ୟୋଗ

**ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA**

ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଉଦ୍ୟୋଗର ଚାରିଟି ଯାକ କମ୍ପାନୀ ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ବୀମା ବ୍ୟବସାୟ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ପ୍ରତିପାଦନ କରିପାରିଛନ୍ତି । IRDA (ବୀମା ନିୟାମକ ଏବଂ ଉନ୍ନୟନ କର୍ତ୍ତୃପକ୍ଷ) ପ୍ରକାଶ କରିଥିବା ବିବରଣୀ ଅନୁସାରେ ନ୍ୟୁ ଇଣ୍ଡିଆ ୨୦୧୬–୧୭ ଆର୍ଥିକ ବର୍ଷରେ ଟ. ୧୯,୦୬୫/–କୋଟି (ପୂର୍ବ ବର୍ଷ ଟ. ୧୫,୧୫୦/– କୋଟି) ୟୁନାଇଟେଡ୍ ଟ. ୧୫,୫୦୦/– କୋଟି ( ପୂର୍ବ ବର୍ଷ ଟ. ୧୨,୨୫୦/– କୋଟି), ନ୍ୟାସନାଲ୍ ଟ, ୧୪,୦୦୧/– କୋଟି, (ପୂର୍ବ ବର୍ଷ ୧୧,୯୭୬/– କୋଟି) ଏବଂ ଓରିଏଣ୍ଟାଲ୍ ଟ. ୧୦,୭୯୨/– କୋଟି (ପୂର୍ବ ବର୍ଷ ୮,୩୧୫/– କୋଟି) ଟଙ୍କା ବୀମା ରାଶି ସଂଗ୍ରହ କରି ସାଧାରଣ ବୀମା ବ୍ୟବସାୟ କ୍ଷେତ୍ରରେ ପ୍ରଥମ ୪ ସାଧାରଣ ବୀମା କମ୍ପାନୀ ଭାବରେ ନିଜର ପୂର୍ବସ୍ଥାନ ବଜାୟ ରଖି ପାରିଛନ୍ତି । ବୀମା ବ୍ୟବସାୟ କ୍ଷେତ୍ରରେ ୨୫% ଅଭିବୃଦ୍ଧିର ଏକ ଅଭୁତପୂର୍ବ ସଫଳତା ହାସଲ କରି ପାରିଛନ୍ତି । କୃଷି ବୀମା ନିଗମ, ରପ୍ତାନି ଗ୍ୟାରେଣ୍ଟି ନିଗମ ଓ ୪ଟି ଯାକ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ମୋଟ ଟ. ୬୭,୬୯୯/– କୋଟି ଟଙ୍କା ବୀମା ରାଶି ସଂଗ୍ରହ କରି ଆଭ୍ୟନ୍ତରୀଣ ସାଧାରଣ ବୀମା ବ୍ୟବସାୟରେ ୫୩.୨୧% ବଜାର ଦଖଲ କରିପାରିଛନ୍ତି । ଏହା ଛଡ଼ା ନ୍ୟୁ ଇଣ୍ଡିଆ, ଓରିଏଣ୍ଟାଲ୍ ଓ ନ୍ୟାସନାଲ୍ ବିଶ୍ୱ ବଜାରରୁ ଟ. ୩,୬୦୦/– କୋଟି ବୀମାରାଶି ସଂଗ୍ରହ କରିବାର ଗୌରବ ଅର୍ଜନ କରିଛନ୍ତି । ଉକ୍ତ ସମୟ ମଧ୍ୟରେ ଦେଶରେ କାର୍ଯ୍ୟରତ ୨୩ ଗୋଟି ଘରୋଇ ସାଧାରଣ ବୀମା କମ୍ପାନୀ ମାତ୍ର ୪୯.୭୬% ବୀମା ବଜାର ଦଖଲ କରି ୫୯,୫୨୩/– କୋଟି ଟଙ୍କା ବୀମା ରାଶି ସଂଗ୍ରହ କରିବାରେ ସଫଳ ହୋଇଛନ୍ତି ।

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିରୋଧି ମନୋଭାବ, ସଙ୍କଟ ଜର୍ଜରିତ ଆର୍ଥିକ ଅବସ୍ଥା ଏବଂ ସର୍ବୋପରି ରାଷ୍ଟ୍ରାୟତ୍ତ ବୀମା କମ୍ପାନୀମାନଙ୍କରେ ଦୀର୍ଘଦିନ ହେବ କମ୍ପାନୀ ମୁଖ୍ୟ ନ ଥିବା ମଧ୍ୟରେ ଏଭଳି ଏକ ଐତିହାସିକ ସଫଳତା ହାସଲ କରିବା ଅପ୍ରତ୍ୟାଶିତ ନ ଥିଲା ବରଂ ଦେଶର ଜନଗଣଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଉପରେ ଅତୁଟ ବିଶ୍ୱାସ ଏବଂ ଏହି ସଂସ୍ଥାରେ କାର୍ଯ୍ୟରତ ସମସ୍ତ ଶ୍ରେଣୀର କର୍ମଚାରୀ ଓ ଏଜେଣ୍ଟ ବନ୍ଧୁମାନଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ । ଏଠାରେ ଉଲ୍ଲେଖଯୋଗ୍ୟ ଗତ୯ ମାସ ହେବ ଓରିଏଣ୍ଟାଲ୍‌ର CMD , ୟୁନାଇଟେଡ୍‌ର CMD ୧୦ ମାସ, କୃଷି ବୀମା ନିଗମର CMD ବର୍ଷକରୁ ଅଧିକା ହେବ ନାହାନ୍ତି । ସେ ସ୍ଥାନ ଫାଙ୍କା ପଡ଼ିଛି । କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିରୋଧି ମନୋଭାବର ଏହା ଏକ ଝଲକ ମାତ୍ର । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରି ଏତେ ଉନ୍ନତି ହାସଲ କରିଥିଲେ ମଧ୍ୟ ସଲଭେନ୍ସି ମାରଜିନ୍ କମ୍ ଥିବା ବାହାନାରେ କମ୍ପାନୀ ଏବଂ ତା'ର କର୍ମଚାରୀମାନଙ୍କୁ ନିରୁତ୍ସାହିତ କରାଯାଉଛି । ଆମର ସମସ୍ତ ସମ୍ପତ୍ତିର ମୂଲ୍ୟ ପ୍ରାୟ ଟ. ୧,୮୦,୦୦୦/– କୋଟି ହେବ । ଏହା ମଧ୍ୟରେ ଆମର ନିଜସ୍ୱ କୋଠା ବାଡ଼ି ଓ ଜମି ମଧ୍ୟ ଅନ୍ତର୍ଭୁକ୍ତ । ସଲ୍‌ଭେନ୍ସି ମାରଜିନ୍ ହିସାବ କଲା ବେଳେ ଏହାକୁ ହିସାବକୁ ନିଆଯାଏ ନାହିଁ । ସଲ୍‌ଭେନସି ମାରଜିନ୍ ଏକ ଅର୍ଥନୈତିକ ବିଧିବ୍ୟବସ୍ଥା । ନିଜର ଗଚ୍ଛିତ ପୁଞ୍ଜିରୁ କିଛି ଅଂଶ ଦାବୀ ସମାଧାନ ପାଇଁ ବ୍ୟବସ୍ଥିତ କରିବା ପାଇଁ IRDA ସେ ବ୍ୟବସ୍ଥାର ସୂତ୍ରପାତ କରିଛି । ବୀମା କମ୍ପାନୀମାନଙ୍କର ପୁଞ୍ଜି ବିଭିନ୍ନ ବିଭାଗ ନାମରେ ଗଚ୍ଛିତ ଅଛି । ସେହି ପୁଞ୍ଜି କୌଣସି ବିଭାଗରୁ କିଛି ଅଂଶ Solvency Margin Head କୁ Transfer କରି ଦେଲେ Solvency Margin କମ୍ ସମସ୍ୟାରୁ ମୁକ୍ତି ପାଇହେବ । ତେଣୁ ସେଥିପାଇଁ କେହି ଭୟଭୀତ ହେବାର କୌଣସି କାରଣ ନାହିଁ ।

କିନ୍ତୁ ଆମ ଶିଳ୍ପ କେନ୍ଦ୍ର ସରକାରଙ୍କ ଦ୍ୱାରା ଘରୋଇ କରଣ କରାହେବାର ସମସ୍ତ ଯୋଜନା ଚୂଡ଼ାନ୍ତ ହୋଇସାରିଛି । ଅଂଶଧନ ବିକ୍ରୀ ମାଧ୍ୟମରେ ଆମ ଶିଳ୍ପର ଅଚଳନ୍ତି ସମ୍ପତ୍ତି (Fixed Asset) ର କିଛି ଅଂଶ ଘରୋଇ ପୁଞ୍ଜିପତିଙ୍କ ହାତରେ ଟେକି ଦେବାର ଯୋଜନା ସରିଯାଇଛି। ଏହା ମାଧ୍ୟମରେ ଆମର କୋଟି କୋଟି ଟଙ୍କାର ସମ୍ପତ୍ତିର କିଛି ଅଂଶକୁ ଖାତା ମୂଲ୍ୟ (Book Value)ରେ ବିକ୍ରି କରି ପୁଞ୍ଜିପତିମାନଙ୍କୁ ଉପହାର ଦେବେ । ବଜାର ଦର (Market Price) ଏବଂ ଖାତା ମୂଲ୍ୟ (Book Value) ମଧ୍ୟରେ ଆକାଶ ପାତାଳର ପ୍ରଭେଦ ଅଛି । ଏହା ବିରୁଦ୍ଧରେ ଆମ ସଙ୍ଗଠନ AIIEA ଆନ୍ଦୋଳନର ଡାକରା ଦେଇଛି । ଜଣେ ଦେଶପ୍ରେମୀ ହିସାବରେ ଆମର ଗୁରୁଦାୟିତ୍ୱ ପାଳନ କରିବାକୁ ପଡ଼ିବ । ସରକାରଙ୍କୁ ଚେତାଇ ଦେବାକୁ ପଡ଼ିବ ପୁଞ୍ଜି ବୃଦ୍ଧି ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରୀ ନୁହେଁ ବରଂ ଆଭ୍ୟନ୍ତରୀଣ ବ୍ୟବସ୍ଥାରୁ ବୃଦ୍ଧି କରାଯାଇପାରିବ । ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇ ହୋଇଗଲେ ସାଧାରଣ ଲୋକ ବୀମା କରିବା ସହଜସାଧ୍ୟ ହେବ ନାହିଁ । ବୀମା ରାଶୀ ବୃଦ୍ଧି ଘଟିବ ଏବଂ ସେମାନେ ଏତେ ପଇସା ଦେଇ ପାରିବେ ନାହିଁ । ତେଣୁ ସେମାନଙ୍କ ପାଖରେ ଏହି ତଥ୍ୟ ଆମକୁ ରଖିବାକୁ ପଡ଼ିବ । ଆମ ମଜୁରୀ ବୃଦ୍ଧିର ଦାବୀ ହାସଲ କରିବା ମଧ୍ୟ ସହଜ ସାଧ୍ୟ ହେବ ନାହିଁ । ଘରୋଇ ମାଲିକାନା ତା'ର ମୁନାଫା ଉପରେ ଗୁରୁତ୍ୱ ଦେବ, କର୍ମଚାରୀଙ୍କୁ ସୁବିଧା ସୁଯୋଗ ଉପରେ ନୁହେଁ । ଘରୋଇ ସଂସ୍ଥାମାନେ ନିଯୁକ୍ତିର ନିୟମାନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ମାନୁ ନାହାନ୍ତି । ଅଳ୍ପ ଲୋକଙ୍କ ଦ୍ୱାରା ବେଶି କାମ ଆଦାୟ କରୁଛନ୍ତି । ତେଣୁ ବେକାରୀ ଦୂରୀକରଣ ଏବଂ ଚାକିରୀରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଗୁରୁତର ଭାବେ କ୍ଷତିଗ୍ରସ୍ତ ହେବ । ତେଣୁ ଆସନ୍ତୁ ସବୁ ଶ୍ରେଣୀର କର୍ମଚାରୀ ଏଜେଣ୍ଟ ଭାଇ ଏବଂ ବୀମା ଧାରୀ ତଥା ବୁଦ୍ଧିଜୀବୀ ଜନଗଣଙ୍କୁ ଏକତ୍ରିତ କରି ସରକାରଙ୍କର ଏହି ଘରୋଇ କରଣ ନିଶାକୁ ବିରୋଧ କରି ଦେଶ ପ୍ରେମୀର କର୍ତ୍ତବ୍ୟ କରିବା ।

❖ ❖ ❖

**କଟକ ଡିଭିଜନ୍ ବୀମା କର୍ମଚାରୀ ସଂଘର ୬୧ତମ ବାର୍ଷିକ ସମ୍ମିଳନୀ ଅଗଷ୍ଟ ୧୩ ରୁ ୧୫ ତିନିଦିନ ଧରି ଜଗତ୍‌ସିଂହପୁରଠାରେ ଅନୁଷ୍ଠିତ ହେବ । ଏଥିରେ AIIEA ର ସାଧାରଣ ସମ୍ପାଦକ ସାଥୀ ଭି. ରମେଶ ଉଦ୍‌ବୋଧନ ଦେବେ ।**



# ଆମ ଦେଶର ସ୍ୱାସ୍ଥ୍ୟ ସେବା : – ଏକ ମୂଲ୍ୟାଙ୍କନ

ରାଜୀବ ଲୋଚନ ଦାଶ
ସଭାପତି, **SDLIEA**

ବର୍ତ୍ତମାନ ଆମ ଦେଶରେ ଏକ ବହୁଳ ପ୍ରଚଳିତ ଏବଂ ପ୍ରଚାରିତ ଶବ୍ଦ ହେଉଛି ''ବିକାଶ'' । ବିଶେଷଭାବରେ ବିକାଶମାନେ ଜନତାର ଆର୍ଥିକ ଏବଂ ସାମାଜିକ ବିକାଶକୁ ବୁଝାଏ । ଏଣୁ ଏକ ଦେଶକୁ ବିକାଶୋନ୍ମୁଖୀ ବା ସମୃଦ୍ଧ ଦେଶ ଭାବରେ ସେତେବେଳେ ଗଣନା କରିବା କଥା ଯେତେବେଳେ ଆର୍ଥିକ ବିକାଶ ସହ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାର ବିକାଶ ସମାନୁପାତିକ ଭିତ୍ତିରେ ହୋଇଥାଏ । ସ୍ୱାଧିନତାର ସତୁରୀ ବର୍ଷ ପରେ ମଧ ଭାରତ ତାର ଦେଶବାସୀଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ପ୍ରଦାନ ପରିପାରିନାହିଁ । ଆର୍ଥିକ ପରିଂଖ୍ୟାନ ଅନୁସାରେ ଦେଶରେ ଆର୍ଥିକ ଅଭିବୃଦ୍ଧି ହାର ତ ଦ୍ରୁତ ହୋଇଛି; ମାତ୍ର ସ୍ୱାସ୍ଥ୍ୟସେବା ହୋଇଛି ବିପର୍ଯ୍ୟସ୍ତ । ଆମ ଦେଶର ସ୍ୱାସ୍ଥ୍ୟସେବା ଉପରେ ନୋବେଲ ବିଜେତା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ଅମର୍ତ୍ତ୍ୟ ସେନ୍ ଏକ ପ୍ରେସ୍ ସାକ୍ଷାତକାରରେ କହିଥିଲେ :–

**''India is the only country in the world trying to become a global economic power with an uneducated and unhealthy labour force'':–**

ତେବେ ଭାରତ ବର୍ଷରେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବାସ୍ତବ ଚିତ୍ର କ'ଣ ? ଆମ ଦେଶକୁ ଆମେ ଏକ ଜନକଲ୍ୟାଣକାରୀ ରାଷ୍ଟ୍ର ବା **Welfare State** ହିସାବରେ ଅଭିହିତ କରିଥାଉ । ଏଣୁ ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ନୈତିକ ଦାୟିତ୍ୱ ହେଉଛି ଜନସାଧାରଣଙ୍କୁ ଉଚିତ୍ ସ୍ୱାସ୍ଥ୍ୟସେବା ଯେଗାଇବା । ବ୍ରିଟେନ୍‌ର ଏକ ପ୍ରସିଦ୍ଧ ସ୍ୱାସ୍ଥ୍ୟ ଗବେଷଣାକାରୀ ପତ୍ରିକା **''Lancet''**ରେ କିଛି ଦିନ ପୂର୍ବେ ପ୍ରକାଶିତ ଏକ ସର୍ଭେ ଅନୁସାରେ **''Health Index''**ରେ ୧୯୫ ଦେଶ ମଧ୍ୟରେ ଭାରତର ସ୍ଥାନ ହେଉଛି ୧୫୪ । ଏହି ରିପୋର୍ଟ କହେ:– **Tuberculosis, Diabetes, Heart Attack, Rheumatic Disorder, Kidney Failure** ପରି ରୋଗ କ୍ଷେତ୍ରରେ (ଯାହା ଭାରତରେ ମାତ୍ରାଧିକ ଭାବରେ ପରିଲକ୍ଷିତ) ରୋଗକୁ ଆୟତ୍ତ କରିବା ଏବଂ ରୋଗୀମାନଙ୍କୁ ପ୍ରକୃଷ୍ଟ ସେବା ଯୋଗାଇଦେବା ଉଭୟ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣ ବିଫଳ ହୋଇଛେ । ଅତ୍ୟନ୍ତ ପରିତାପର ବିଷୟ ଶ୍ରୀଲଙ୍କା ପରି ଦେଶ **''Health Index''**ରେ ଆମଠାରୁ ଉପରେ ରହିଛି ।

ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ବଡ଼ ସମସ୍ୟା ହେଉଛି ଜନସଂଖ୍ୟା ଅନୁସାରେ ଡାକ୍ତରଙ୍କର ଅଭାବ । ତା ସହ ଉଚ୍ଚମାନର ସୁବିଧା ସୁଯୋଗ ଏବଂ ଲୋଭନୀୟ ଆୟ ପାଇଁ ଡାକ୍ତରମାନେ ବିଦେଶାମୁଖୀ ହେବା ସମସ୍ୟାକୁ ଆହୁରୀ ଜଟିଳ କରିଦେଉଛି । ଏପ୍ରିଲ୍ ୨୦୧୩ରୁ ମାର୍ଚ୍ଚ ୨୦୧୬ ମଧ୍ୟରେ ଏହିପରି ୪୭୦୧ ଜଣ ଡାକ୍ତର ବିଦେଶକୁ ପଳାୟନ କରିଛନ୍ତି । ଆମ ଦେଶରେ ଶିକ୍ଷାଲାଭ କରିଥିବା ଏହି ଡାକ୍ତରମାନଙ୍କୁ ଆମ ଦେଶରେ ଥଇଥାନ କରି ସେମାନଙ୍କ ପାଇଁ ପ୍ରକୃଷ୍ଟ କ୍ଷେତ୍ର ଏବଂ ସୁଯୋଗ ସୃଷ୍ଟି କରିପାରିଲେ ଦେଶବାସୀ ନିଶ୍ଚିତ ଲାଭବାନ୍ ହୋଇପାରିଥାନ୍ତେ । ମାତ୍ର ସରକାରୀ ଉଦାସୀନତା ବା ବିଫଳତା ଏଥିରେ ଅନ୍ତରାୟ ସୃଷ୍ଟିକରିଛି ।

ସମଗ୍ର ଭାରତବର୍ଷରେ କାର୍ଯ୍ୟରତ ଚିକିତ୍ସକଙ୍କ ସଂଖ୍ୟା ୭,୪୦,୦୦୦ । ଜନସଂଖ୍ୟା ଅନୁସାରେ ଆହୁରୀ ଅନ୍ତତଃ ୫,୦୦,୦୦୦ ଡାକ୍ତର ଦରକାର । ଭାରତରେ ପ୍ରତ୍ୟେକଟି ସରକାରୀ ହସପିଟାଲ୍ ହାରାହାରୀ ୬୧,୦୦୦ ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ । ସେହିପରି ହସ୍ପିଟାଲ୍‌ରେ ବେଡ୍ ପିଛା ରୋଗୀଙ୍କର ହାରାହାରୀ ସଂଖ୍ୟା ହେଉଛି ୧୮୮୩ ( ବିହାର ଭଳିଆ ପଛୁଆ ରାଜ୍ୟରେ ଏହା ସର୍ବାଧିକ ୮୮୦୦) **Medical Council of India** ବା **MCI** ର ତଥ୍ୟ ଅନୁସାରେ ଆମ ଦେଶରେ ଜଣେ ଡାକ୍ତର ୧୬୮୦ ଜଣ ରୋଗୀଙ୍କୁ ସେବା ପ୍ରଦାନ କରିଥାନ୍ତି । ଅର୍ଥାତ୍ ଡାକ୍ତର ଏବଂ ରୋଗୀଙ୍କ ଅନୁପାତ ହେଉଛି ୧: ୧୬୮୧ । ଅନ୍ୟାନ୍ୟ କିଛି ଦେଶରେ ତାର ଅନୁପାତ ନିମ୍ନରେ ଦିଆଗଲା ।

| | | | | | |
|---|---|---|---|---|---|
| କ୍ୟୁବା | ୧ : ୧୭୦ | ଗ୍ରୀସ୍ | ୧ : ୨୩୦ | ଆମେରିକା | ୧:୩୯୦ |
| ବେଲିଜିୟମ | ୧ : ୨୨୦ | ଫ୍ରାନ୍ସ | ୧ : ୩୦୦ | ଚୀନ | ୧:୯୫୦ |
| ରୁଷିଆ | ୧ : ୨୩୦ | ବ୍ରିଟେନ | ୧ : ୭୨୪ | ଭାରତ | ୧:୧୬୮୧ |

ଅତଏବ ଅଧିକ ସଂଖ୍ୟକ ଡାକ୍ତର ସୃଷ୍ଟି ପାଇଁ ଦରକାର ଅଧିକ ସଂଖ୍ୟକ (ସରକାରୀ) ମେଡ଼ିକାଲ୍ କଲେଜ । ଏଠାରେ ନିର୍ଦ୍ଦିଷ୍ଟ ଭାବରେ ସରକାରୀ କଲେଜ କଥା କହିବା ଅତ୍ୟନ୍ତ ପ୍ରାସଙ୍ଗିକ । କାରଣ ଯେଉଁ କିଛି ଘରୋଇ ମେଡ଼ିକାଲ କଲେଜ୍ ରହିଛି ସେଠାରେ ଜଣେ ସାଧାରଣ ମେଧାବୀଛାତ୍ର ପାଇଁ ଫିସ୍‌ର ମାତ୍ରା ନିଶ୍ଚିତ ଭାବରେ ଅସାଧାରଣ ଏବଂ ଅପହଞ୍ଚ ହୋଇଥାଏ ଏବଂ ଯିଏ ସେହି ଅସାଧାରଣ ଫିସ୍ ପାଇଁ ସମର୍ଥ ସିଏ ସାଧାରଣ ରୋଗୀମାନଙ୍କୁ ତାହା ପୁଣି ସରକାରୀ ହସ୍ପିଟାଲ୍‌ରେ ସେବା ଯୋଗାଇବା ପାଇଁ ଅନିଚ୍ଛୁକ ।

ଉନ୍ନତ ସ୍ୱାସ୍ଥ୍ୟସେବାର ଅନ୍ୟ ଏକ ନିର୍ଣ୍ଣାୟକ ଦିଗ ହେଉଛି ସ୍ୱାସ୍ଥ୍ୟଖର୍ଚ୍ଚ । ତୁଳନାତ୍ମକ ଭାବରେ ଆମ ଦେଶରେ ତାହା ବ୍ୟୟସାପେକ୍ଷ । ଅର୍ଥାତ୍ ଅନ୍ୟ ଭାବରେ କହିଲେ ସ୍ୱାସ୍ଥ୍ୟ ସେବା ପାଇଁ ବା ଚିକିତ୍ସାପାଇଁ ଭାରତରେ ରୋଗୀକୁ ନିଜ ହାତରୁ ବେଶୀ ଖର୍ଚ୍ଚ କରିବା ପାଇଁ ପଡ଼ିଥାଏ । ଚିକିତ୍ସାପାଇଁ ଖର୍ଚ୍ଚର ୬୮.୫% ରୋଗୀକୁ ବହନ କରିବାକୁ ପଡ଼େ । ଯାହା ଅନ୍ୟ ଦେଶରେ ବହୁତ କମ୍ । ସାମଗ୍ରିକ ଭାବରେ ବିଶ୍ୱରେ ସେହିହାର ୨୮.୧୫% । ପୂର୍ବବର୍ଣ୍ଣିତ ମେଡ଼ିକାଲ ଜର୍ଣ୍ଣାଲ **''Lancet''** ଅନୁସାରେ ଘରୋଇ ସ୍ୱାସ୍ଥ୍ୟଗତ ଖର୍ଚ୍ଚରେ ଭାରତ ବିଶ୍ୱରେ ଷଷ୍ଠ ସ୍ଥାନରେ ରହିଛି । ପୁଣି ଭାରତ ପରି ବ୍ୟକ୍ତିଗତ ନିମ୍ନ ଆୟକାରୀ ଜନସାଧାରଣ ଆୟର ଏକ ବିରାଟ ଅଂଶ ସ୍ୱାସ୍ଥ୍ୟପାଇଁ ଉପଲବ୍ଧ କରିବାକୁ ବାଧ ହେଉଥିବାରୁ ତାହା ତାଙ୍କର ବ୍ୟକ୍ତିଗତ ଜୀବନଶୈଳୀ ଏବଂ ବିକାଶ ପାଇଁ ବାଧକ ହେଉଛି ଯାହା ପରୋକ୍ଷରେ ଦେଶର ବିକାଶକୁ ପ୍ରତିହତ କରୁଛି ।

ଆଗରୁ ସଂକ୍ରାମକ ରୋଗ ଅତ୍ୟନ୍ତ ମାରାତ୍ମକ ସାବ୍ୟସ୍ତ ହେଉଥିଲା । ମାତ୍ର ବର୍ତ୍ତମାନ ସମଗ୍ର ବିଶ୍ୱରେ ଯାହା ଉଦ୍‌ବେଗ ସୃଷ୍ଟି କରିଛି ତାହା ହେଉଛି **Non-Communicable Diseases** ବା ଅସଂକ୍ରାମକ ରୋଗ ଯଥା **Heart Attack, Diabetes, Blood Pressure, Cancer, Bronchitis.** ଏସବୁ ସଂକ୍ରାମକ ରୋଗ ନୁହେଁ । ମାତ୍ର ପୃଥିବୀର ୬୮ ପ୍ରତିଶତ ଏଂ ଭାରତ ବର୍ଷରେ ୬୧ % ଲୋକଙ୍କ ମୃତ୍ୟୁର କାରଣ ଏହି ସବୁ ରୋଗ ଯାହା ଅତ୍ୟନ୍ତ ସାଧାରଣ ହୋଇଗଲାଣି । ଏହି ରୋଗୀମାନଙ୍କର ସଂଖ୍ୟାରେ ମାତ୍ରାଧିକ ବୃଦ୍ଧିର ମୁଖ୍ୟ କାରଣ ହେଉଛି ପ୍ରଦୁଷଣ (**Pollution**) ଏବଂ ଦ୍ରୁତ ଗତିରେ ସହରୀକରଣ (**Urbanisation**), ଜୀବନଶୈଳୀର ପରିବର୍ତ୍ତନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପରିମଳ ବ୍ୟବସ୍ଥା, ମାଦକଦ୍ରବ୍ୟ ସେବନ । ଏ ସବୁ ରୋଗ ଅତ୍ୟନ୍ତ ବ୍ୟୟବହୁଳ । ଫଳତଃ ଦରିଦ୍ର ଶ୍ରେଣୀର ଲୋକ ଏହି ରୋଗରେ ବେଶୀ ମୃତ୍ୟୁବରଣ କରୁଛନ୍ତି । ସୁତରାଂ ଏହି ସବୁ ରୋଗର ନିରାକରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟସମ୍ବନ୍ଧୀୟ ଜ୍ଞାନ

ଏବଂ ଚେତନାର ବିକାଶ ପାଇଁ ପ୍ରଚାର ଏବଂ ପ୍ରସାର ସାଙ୍ଗକୁ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯଥା ମେସିନ୍, ପରୀକ୍ଷାଗାର ଉପଲବ୍ଧ କରିବା ସରକାରଙ୍କ ପ୍ରାଥମିକତା ହେବା କଥା । ମାତ୍ର ଆମ ଦେଶର ସ୍ୱାସ୍ଥ୍ୟନୀତି କ'ଣ ରହିଛି ବା ତାହା କେଉଁ ଦିଗକୁ ଗୁରୁତ୍ୱ ଦେଉଛି ?

ସ୍ୱାଧୀନତା ପରେ ୧୯୮୩ ମସିହାରେ ପ୍ରଥମ କରି ଭାରତ ବର୍ଷରେ ସ୍ୱାସ୍ଥ୍ୟନୀତି ପ୍ରଣୟନ କରାଗଲା । ତା'ପରେ ୨୦୦୨ ମସିହାରେ ନୂତନ ସ୍ୱାସ୍ଥ୍ୟନୀତି ଲାଗୁ ହେଲା । ମାତ୍ର ନୀତିର କାର୍ଯ୍ୟକାରିତା କ୍ଷେତ୍ରରେ କୌଣସି ଆଖିଦୃଶିଆ ଅଭିବୃଦ୍ଧି ହୋଇନାହିଁ । ନୀତି ପ୍ରଣୟନ ଅପେକ୍ଷା ତା'ର ସଫଳ ରୂପାୟନ ହିଁ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ମୋଦି ସରକାର ନୂତନ ସ୍ୱାସ୍ଥ୍ୟନୀତି ୨୦୧୭'' ଘୋଷଣା କରିଛନ୍ତି ; ତଦନୁସାରେ ୨୦୨୫ ସୁଦ୍ଧା ସ୍ୱାସ୍ଥ୍ୟଜନିତ ଖର୍ଚ୍ଚ ସମ୍ବନ୍ଧରେ ସରକାର **GDP** ର ୨.୫% ଖର୍ଚ୍ଚ କରିବେ ଯାହା ବର୍ତ୍ତମାନ **GDP** ର ୧.୪ ପ୍ରତିଶତ ରହିଛି । ସେହିପରି **Health Wellness Centre** ଖୋଲିବା, ସମସ୍ତଙ୍କ ପାଇଁ ମାଗଣା ଔଷଧ, ରୋଗ ନିରୂପଣକାରୀ ପରୀକ୍ଷା, ଆଶୁଚିକିତ୍ସାର ସୁବିଧା, ବିନାମୂଲ୍ୟରେ ଅସଂକ୍ରାମକ ରୋଗୀଙ୍କୁ ଥଇଥାନ କରିବା, ପ୍ରତି ହଜାରେ ଜନସଂଖ୍ୟା ପାଇଁ ହସ୍‌ପିଟାଲ୍ ପିଛା ଦୁଇଟି ଶଯ୍ୟାର ବ୍ୟବସ୍ଥା, ୨୦୨୫ ସୁଦ୍ଧା **Life Expectancy** କୁ ୬୭.୫ ବର୍ଷରୁ ୭୦ ବର୍ଷକୁ ବୃଦ୍ଧି କରିବା ଏହିପରି ଅନେକ ପ୍ରତିଶୃତି ଘୋଷଣା ନାମାରେ ରହିଛି ।

ମାତ୍ର ନୀତିର ସଫଳ ରୂପାୟନ କ୍ଷେତ୍ରରେ ସରକାର ଆପଣେଇ ନେଇଥିବା ପଦକ୍ଷେପକୁ ଅନୁଧ୍ୟାନ କଲେ ତାହା ଅତ୍ୟନ୍ତ ଅବାସ୍ତବ ମନେ ହୁଏ । ୨୦୧୭ ରୁ ୨୦୨୫ ଆଠବର୍ଷର ସମୟସୀମା ଧାର୍ଯ୍ୟ କରାଯାଇଛି ମାତ୍ର କେଉଁ ବର୍ଷ **GDP** ର କେତେ ଅଂଶ ଖର୍ଚ୍ଚ କରାଯିବ ତାହା ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇନାହିଁ । ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ବଜେଟ୍ ପ୍ରାବଧାନ ଅପର୍ଯ୍ୟାପ୍ତ ମନେ ହୁଏ । **WHO** ର ମତ ଅନୁସାରେ ସ୍ୱାସ୍ଥ୍ୟସେବା ବାବଦକୁ ପ୍ରତ୍ୟେକ ଦେଶ **GDP** ର ୫ ପ୍ରତିଶତ ଖର୍ଚ୍ଚ କରିବା କଥା । ମାତ୍ର ଆମ ଦେଶରେ ସରକାର ବଜେଟ୍ ନିଅଣ୍ଟକୁ କମ୍ କରିବା ପାଇଁ **Fiscal Stability** ଆଳରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ ସରକାରୀ ଅନୁଦାନ ବା ବ୍ୟୟବରାଦକୁ କ୍ରମାଗତ ଭାବରେ ହ୍ରାସ କରିବାରେ ଲାଗିଛନ୍ତି । ସୁତରାଂ ସ୍ୱାସ୍ଥ୍ୟନୀତିର ସଫଳ ରୂପାୟନ ପାଇଁ ପ୍ରଥମେ ଆର୍ଥିକ ନୀତିରେ ଆବଶ୍ୟକୀୟ ଏବଂ ଆନୁଷଙ୍ଗିକ ପରିବର୍ତ୍ତନ କରିବା ଆବଶ୍ୟକ । ନୂତନ ସ୍ୱାସ୍ଥ୍ୟନୀତିକୁ ଲାଗୁ କରିବା ପାଇଁ ସରକାର ଗ୍ରହଣ କରୁଥିବା କାର୍ଯ୍ୟକ୍ରମମାନଙ୍କ ପରିଚାଳନା ପାଇଁ ସରକାର ଘରୋଇ ସଂସ୍ଥାମାନଙ୍କ ଉପରେ ନିର୍ଭରଶୀଳ ହେଉଛନ୍ତି । ମାତ୍ର ଏହି ଘରୋଇ ସଂସ୍ଥାମାନଙ୍କ ଚରିତ୍ର ଯାହା ସେମାନେ ସେବା ଅପେକ୍ଷା ଲାଭକୁ ପ୍ରାଥମିକତା ଦେଇଥାନ୍ତି । ସରକାରୀ ଅନୁଦାନର ଏକ ବିଶାଳ ଅଂଶ ସେମାନେ ନିଜର ଲାଭ ହିସାବରେ ହାତେଇ ନେଉଛନ୍ତି । ବିଜେପି ଶାସିତ ରାଜ୍ୟ ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ''**Primary Health Care**''କୁ ଘରୋଇ କମ୍ପାନୀମାନଙ୍କୁ ଠିକାରେ ଦେବା ପାଇଁ ସରକାର ଯୋଜନା କରୁଛନ୍ତି ।

ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ବିଶ୍ୱରେ ସୁନାମ ଲାଭ କରିଥିବା ଦେଶ ହେଉଛି ''କ୍ୟୁବା'' । **World Health Organisation** ର ମତ ଅନୁସାରେ କ୍ୟୁବାରେ ପ୍ରଚଳିତ ସ୍ୱାସ୍ଥ୍ୟବ୍ୟବସ୍ଥା ସମସ୍ତ ଦେଶ ପାଇଁ ଅନୁକରଣୀୟ ହେବା ଉଚିତ୍ । ଆର୍ଥିକ ଏବଂ ଭୌଗୋଳିକ ଦୃଷ୍ଟିକୋଣରୁ ସେତେଟା ଉନ୍ନତ ରାଷ୍ଟ୍ର ନ ହୋଇ ସୁଦ୍ଧା କ୍ୟୁବା ନିଜ ନିଜର ପ୍ରତ୍ୟେକ ଶ୍ରେଣୀର ନାଗରିକ ପାଇଁ ଏକ ଉଦାହରଣୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିପାରିଛି । କ୍ୟୁବାରେ ସ୍ୱାସ୍ଥ୍ୟସେବାକୁ ନାଗରିକମାନଙ୍କ ଏକ ପ୍ରାଥମିକ ଅଧିକାର ରୂପେ ବିବେଚନା କରାଯାଏ । ତା ସହ କ୍ୟୁବା ସରକାର ରୋଗର ନିରାକରଣ ଅପେକ୍ଷା ରୋଗର ପ୍ରତିଷେଧ କରଣକୁ ଅଧିକ ଗୁରୁତ୍ୱ ଦେଇଥାଏ । ରୋଗ ପ୍ରତିଷେଧକାରୀ ଔଷଧ ଏବଂ ଅନୁସନ୍ଧାନ ଦିଗରେ କ୍ୟୁବା ସରକାରର ସଫଳତାର ମୂଳମନ୍ତ୍ର ହେଉଛି ସେହି ସରକାରଙ୍କ ରାଜନୈତିକ ଚିନ୍ତାଧାରା ଏବଂ ଜନକଲ୍ୟାଣ ପାଇଁ ନିଷ୍ଠା । ଆମ ଦେଶରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହି ଆଭିମୁଖ୍ୟ ଏବଂ ନିଷ୍ଠା ହିଁ ନୀତିର ସଫଳ ରୂପାୟନ ଦିଗରେ ସହାୟକ ହେବ ।

---

ପରି ଏକ ମାମଲାରେ ବିଲକିସଙ୍କୁ ନ୍ୟାୟ ମିଳିବା କମ୍ ଗୁରୁତ୍ୱ ପୂର୍ଣ୍ଣ ନୁହେଁ । ଏହି ନ୍ୟାୟ ମିଳିବା ପାଇଁ ଯଦି କେହି ପ୍ରଶଂସିତ ହେବା କଥା ସେ ହେଉଛନ୍ତି – ବାନୋ ଓ ତାଙ୍କର ଅସାଧାରଣ ଆତ୍ମବଳ ଓ ଆତ୍ମବିଶ୍ୱାସ । ତାଙ୍କୁ ଓ ତାଙ୍କର ପରିବାର ଓ ସାଥୀମାନଙ୍କୁ ବାରମ୍ବାର ଧମକ ଦିଆଯାଉଥିଲା । ବମ୍ବେ ଉଚ୍ଚ ନ୍ୟାୟାଳୟ ୧୧ ଜଣ ଅପରାଧୀଙ୍କୁ ନିମ୍ନ ଅଦାଲତ ଦେଇଥିବା ଆଜୀବନ କାରାଦଣ୍ଡକୁ କାଏମ ରଖିବା ଦ୍ୱାରା ବାନୋଙ୍କର ଦେଶର ନ୍ୟାୟ ବ୍ୟବସ୍ଥା ଉପରେ ବିଶ୍ୱାସ ଯେ କେବଳ ଅତୁଟ ରଖିଲା – ତା ନୁହେଁ ନିମ୍ନ ଅଦାଲତରୁ ଛାଡ଼ ପାଇଯାଇଥିବା ପାଞ୍ଚ ଜଣ ପୋଲିସ୍ କର୍ମଚାରୀ ଓ ଦୁଇଜଣ ଡାକ୍ତରଙ୍କୁ ବି ବମ୍ବେ ଉଚ୍ଚ ନ୍ୟାୟାଳୟ ଦଣ୍ଡିତ କରିବା – ବିଲ୍‌କିସ୍ ବାନୋଙ୍କର ନ୍ୟାୟ ବ୍ୟବସ୍ଥା ପ୍ରତି ବିଶ୍ୱାସକୁ ବଢ଼ାଇ ଦେଇଛି । ଦେଶର ସାଂପ୍ରଦାୟିକ ହିଂସାର ଇତିହାସରେ ବୋଧେ ପ୍ରଥମ ଥର ପାଇଁ ପୋଲିସ୍‌କୁ ଏପରି ସଜା ଦିଆଯାଇଛି ।'' ପୋଲିସର ଅପରାଧୀଙ୍କ ସହିତ ସଲାସୁତୁରା ରହିଥିବା କଥା ନ୍ୟାୟାଳୟ ଗ୍ରହଣ କରିବା ଦ୍ୱାରା ବିଲକିସ୍ ବାନୋ ତ ନିଶ୍ଚିତ ଆଶ୍ୱସ୍ତ ହୋଇଥିବେ । ଏହା ଦ୍ୱାରା ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସ୍ପଷ୍ଟ ହେଲା ଯେ ଗୁଜରାଟ ଗଣହତ୍ୟା ପଛରେ ରାଷ୍ଟ୍ରର ହାତ ଥିଲା – ଏହା ନ୍ୟାୟାଳୟର ରାୟ ଦ୍ୱାରା ସରକାରୀ ସ୍ୱୀକୃତି ପାଇଲା ।

୯ ପୃଷ୍ଠାର ଅବଶିଷ୍ଟାଂଶ

ଯେଉଁ ପୃଷ୍ଠଭୂମିରେ ବମ୍ବେ ଉଚ୍ଚନ୍ୟାୟାଳୟର ଏହି ରାୟ ଗୁରୁତ୍ୱ ବହନ କରୁଛି ତାର ସୂଚନା ଉପରୋକ୍ତ ସଂପାଦକୀୟ ମନ୍ତବ୍ୟରେ ସ୍ଥାନ ପାଇଛି । ସୋରାବୁଦ୍ଦିନ ସେଖ ଏବଂ ତୁଳସୀରାମ ପ୍ରଜାପତି ଏନକାଉଣ୍ଟର ମାମଲାରେ ସମ୍ପୃକ୍ତ ପୋଲିସ୍ କର୍ମଚାରୀଙ୍କ ବେକରେ ବରଣମାଳା ପିନ୍ଧାଯାଇଛି । ଗୁଲବର୍ଗ ସୋସାଇଟି ଗଣହତ୍ୟା ଘଟଣାରେ କଂଗ୍ରେସ ପାର୍ଟିର ସାଂସଦ ଏହସାନ ଜାଫ୍ରିଙ୍କୁ ହତ୍ୟା କରାଯାଇଥିଲା । ସେହି ଘଟଣାରେ ସମ୍ପୃକ୍ତ ପୋଲିସ୍ କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ସଙ୍ଗେ ସଙ୍ଗେ ସେହି ଅପରାଧରେ ଅଭିଯୁକ୍ତ ପ୍ରଭାବଶାଳୀ ରାଜନେତାଙ୍କୁ କାଠଗଡ଼ାକୁ ଯିବାକୁ ପଡ଼ିଲା ନାହିଁ । ଏହି ପୃଷ୍ଠଭୂମିରେ ବିଲକିସ ବାନୋଙ୍କ ଘଟଣାରେ ବମ୍ବେ ଉଚ୍ଚ ନ୍ୟାୟାଳୟର ରାୟ ନିଶ୍ଚିତ ଭାବେ ଉଲ୍ଲେଖନୀୟ ଅଟେ । ୨୦୧୨ ନିର୍ଭୟା ଗଣ ବଳତ୍କାର ମାମଲାରେ ରାଷ୍ଟ୍ର ପ୍ରଶାସନ ଗଣବଳତ୍କାରର ଶିକାର ହୋଇ ମୃତ୍ୟୁବରଣ କରିଥିବା ମହିଳାଙ୍କୁ ନ୍ୟାୟ ମିଳିବା ପାଇଁ ଲଢୁଥିଲେ । କିନ୍ତୁ ବିଲକିସ୍ ବାନୋଙ୍କ ମାମଲାରେ ସେହି ମହିଳାଙ୍କୁ ନ୍ୟାୟ ପାଇଁ ରାଷ୍ଟ୍ର / ପ୍ରଶାସନର ଲାଲ ଆଖି ବିରୋଧରେ ଲଢ଼ିବାକୁ ପଡ଼ିଥିଲା । ବିଲକିସି ବାନୋଙ୍କ ମାମଲା ଥିଲା ଦୁର୍ବଳର ପ୍ରଭାବଶାଳୀ ବିରୁଦ୍ଧରେ ଲଢ଼େଇ ଯେଉଁଠି ରାଷ୍ଟ୍ର ପ୍ରଶାସନ ଶୋଷକଙ୍କ ପଛରେ ଛିଡ଼ା ହୋଇଥିଲା । ଏହିପରି ଏକ ଅସଲ ଲଢ଼େଇରେ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଲଢ଼େଇ କରି ନ୍ୟାୟ ପାଇବାରେ ବିଲକିସ୍ ବାନୋଙ୍କ ସଫଳତା ଗୁରୁତ୍ୱ ବହନ କରୁଛି । ❖❖❖



# ସବଳ ବିରୋଧରେ ଦୁର୍ବଳର ବିଜୟ

**ଗଜେନ୍ଦ୍ରନାଥ ମହାନ୍ତି,** ଉପସଭାପତି
ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍

'କେହି ତାଙ୍କ ଯୋଗୁଁ ମୃତ୍ୟୁ ବରଣ କରନ୍ତୁ ଏହା ସେ ଚାହାଁନ୍ତି ନାହିଁ । ସେ ନ୍ୟାୟ ପାଇବା ପାଇଁ ଲଢୁଛି ପ୍ରତିଶୋଧ ନେବା ପାଇଁ ନୁହେଁ ।' ମଇ ୯, ୨୦୧୭ ତାରିଖର ଇଂରାଜୀ ଦୈନିକ 'ଦି ଟେଲିଗ୍ରାଫ୍'ର ପ୍ରଥମ ପୃଷ୍ଠାର ମୁଖ୍ୟ ସମ୍ବାଦର ଏହି ଶିରୋନାମା ଥିଲା ୨୦୦୨ ଲୋମହର୍ଷଣକାରୀ ସରକାରୀ ମଦତ ପୁଷ୍ଟ ଗୁଜରାଟ ସାଂପ୍ରଦାୟିକ ଦଙ୍ଗାରେ ଗଣଧର୍ଷଣର ଶିକାର ହୋଇଥିବା, ନିଜର ସାଢ଼େ ତିନିବର୍ଷର ଶିଶୁ କନ୍ୟା ସହ ପରିବାର ପରିଜନଙ୍କୁ ହରାଇଥିବା ବିଲକିସ ବାନୋଙ୍କର ବକ୍ତବ୍ୟ । ମେ ୮ ତାରିଖରେ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ବକ୍ତବ୍ୟ ରଖିଥିଲେ । ମେ ୪ ତାରିଖରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ବିଚାର କରୁଥିବା ବମ୍ବେ ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ୧୨ ଜଣ ଅପରାଧୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ସାଂବାଦିକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ ଏହି ବକ୍ତବ୍ୟ ରଖିଥିଲେ । ସେହି ମେ ୫ ତାରିଖରେ ଉଚ୍ଚତମ ନ୍ୟାୟାଳୟ ୨୦୧୨ ଡିସେମ୍ବର ୧୬ ତାରିଖରେ ନିର୍ଭୟା ଗଣବଳତ୍କାର ଏବଂ ହତ୍ୟା ଘଟଣାର ବିଚାର କରି ସମ୍ପୃକ୍ତ ଚାରି ଜଣଙ୍କର ଅପରାଧୀଙ୍କୁ **'rarest of the rare'**ବୋଲି କହି ସେମାନଙ୍କର ମୃତ୍ୟୁଦଣ୍ଡକୁ କାଏମ ରଖିବା ପରିପ୍ରେକ୍ଷୀରେ ସେ ସମ୍ପୃକ୍ତ ଅପରାଧୀଙ୍କ ପ୍ରତି ସମାନ ଦଣ୍ଡ ଚାହାଁନ୍ତି କି ବୋଲି ପ୍ରଶ୍ନର ଉତ୍ତରରେ ବିଲ୍‌କିସ ବାନୋ କହିଥିଲେ ଯେ ତାଙ୍କ ପାଇଁ କେହି ଶୂଳିରେ ଚଢ଼ନ୍ତୁ ତାହା ସେ ଚାହାଁନ୍ତି ନାହିଁ । ଆମ ଦେଶରେ ସଂପ୍ରତି ପ୍ରତିହିଂସା ଓ ପ୍ରତିଶୋଧର ବାତାବରଣ ବଢ଼ି ବଢ଼ି ଯାଉଥିବା ଲକ୍ଷ୍ୟ କରାଯାଉଛି । ସେମାନେ ଯଦି ଆମର ଗୋଟେ ସୈନିକର ମୁଣ୍ଡ କାଟି ଦେଇଛନ୍ତି – ତାଙ୍କର କୋଡ଼ିଏ ସୈନିକଙ୍କର ମୁଣ୍ଡକାଟି ଆଣ' ବୋଲି ଶୁଣିବାକୁ ମିଳୁଛି । ମୋର ଗୋଟାଏ ଦାନ୍ତ ଓପାଡ଼ି ଦେଲେ ତାଙ୍କର ପୂରା ମାଢ଼ିଟାକୁ ତାଡ଼ି ଦିଅ ।' ଏପରି ପ୍ରତିଶୋଧ ନେବାର କଥା ଉଠୁଛି । ରାଜନୈତିକ ପ୍ରତିପକ୍ଷଙ୍କ ମୁହଁ ବନ୍ଦ କରି ଦେବା ପାଇଁ ସେମାନଙ୍କ ବିରୁଦ୍ଧରେ ଇଡ଼ି, ସିବିଆଇ ଏବଂ ଆୟ କର ବିଭାଗକୁ ଲଗାଇ ରଖାଯାଉଛି । କେତେବେଳେ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ତାର ଶରବ୍ୟ ହେଉଛନ୍ତି ତ କେତେବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତାର ଶିକାର ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ବିଲକିସ୍ ବାନୋଙ୍କ ଉପରୋକ୍ତ ଉକ୍ତିକୁ ବିଚାର କରିବାକୁ ପଡ଼ିବ । ତାଙ୍କର ମହନୀୟତା ପାଖରେ ମୁଣ୍ଡ ନଇଁ ଯିବ ।

ପନ୍ଦର ବର୍ଷ ତଳର କଥା ଯେତେବେଳେ ବିଲକିସ ବାନୋଙ୍କୁ ୧୯ ବର୍ଷ ହୋଇଥିଲା । ଗୁଜରାଟର ଦାହୋଦରେ ଥିବା ରାନ୍ଧିକପୁର ଗାଁ ନିକଟରେ ଦଙ୍ଗାକାରୀ ମାନେ ତାଙ୍କ ପରିବାରର ୧୪ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଯାହା ସେ ନିଜେ ଦେଖିଛନ୍ତି । ସେହି ୧୪ ଜଣଙ୍କ ମଧ୍ୟରେ ଥିଲେ ତାଙ୍କର ସାଢ଼େ ତିନିବର୍ଷର ଝିଅ, ମା ଏବଂ ଦୁଇ ଭଉଣୀ । ସେ ପାଞ୍ଚ ମାସର ଗର୍ଭବତୀ ଥିଲେ ବି ସେହି ପାଷାଣ୍ଡମାନେ ତାଙ୍କୁ ଗଣଧର୍ଷଣ କରିବାକୁ ପଛାଇ ନଥିଲେ । ସେମାନେ ତାଙ୍କୁ ମୁର୍ଚ୍ଛା ଯାଇଥିବା ଅବସ୍ଥାରେ ମରିଯିବ ବୋଲି ଭାବି ଛାଡ଼ି ଚାଲିଯାଇଥିଲେ । ଏହି ଲୋମହର୍ଷଣକାରୀ ଘଟଣା ଘଟିଥିଲା ୨୦୦୨ ଫେବୃୟାରୀ ୨୭ ତାରିଖରେ । ଗୋଧ୍ରା ଟ୍ରେନ ପୋଡ଼ି ଘଟଣା ପରେ ଗୁଜରାଟରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗାରେ ସହସାଧିକ ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କୁ ହତ୍ୟା କରାଯାଇଥିଲା । ଏହି ଦଙ୍ଗା ଆରମ୍ଭ ହୋଇଯିବା ପରେ ବିଲକିସ୍ ବାନୋ ଏବଂ ତାଙ୍କ ପରିବାରର ଅନ୍ୟ କେତେକ ସଦସ୍ୟ ଜୀବନ ବଞ୍ଚାଇବା ପାଇଁ ଦଙ୍ଗାଗ୍ରସ୍ତ ରାନ୍ଧିକପୁର ଗାଁ ଛାଡ଼ି ପଳାଉଥିଲେ । ସମ୍ପୃକ୍ତ ମହିଳାମାନଙ୍କୁ ଆଦିବାସୀ ପୋଷାକ ପିନ୍ଧିବାକୁ ଦିଆଯାଇଥିଲା – ଯେପରି ସେମାନଙ୍କୁ ଚିହ୍ନି ହେବ ନାହିଁ । କିନ୍ତୁ ଦଙ୍ଗାକାରୀମାନେ ସେମାନଙ୍କୁ ଧରିଥିଲେ । ବିଲକିସ୍ ବାନୋଙ୍କ ସାଢ଼େ ତିନି ବର୍ଷର ଶିଶୁ କନ୍ୟାକୁ ତାଙ୍କ ଠାରୁ ଛଡ଼ାଇ ନେଇ ପଥରରେ ପିଟି ମାରିଦେଲେ । ତା ପରେ ଆରମ୍ଭ ହୋଇଥିଲା ବିଲକିସ୍ ବାନୋଙ୍କ ଉପରେ ଗଣଧର୍ଷଣ । ଦଙ୍ଗାକାରୀ ଗୋଷ୍ଠୀର ଲୋକଙ୍କୁ ବିଲକିସ୍ ଚିହ୍ନନ୍ତି । କାରଣ ସେମାନଙ୍କ ବାପା ମା ମାନଙ୍କୁ ବିଲକସ୍ 'ଚାଚା', 'ମାମା' ବୋଲି ଡାକୁଥିଲେ । ଚେତା ଫେରିବା ପରେ ତୃଷାର୍ତ୍ତ ବିଲକିସ୍ ନିକଟସ୍ଥ ପାହାଡ଼ରେ ଚଢ଼ି ସେଥିରେ ଥିବା ଏକ ଗୁମ୍ଫାରେ ଆତ୍ମଗୋପନ କରିଥିଲେ । ତାପରେ ନିକଟସ୍ଥ ଏକ ଟ୍ୟୁବୱେଲରୁ ପାଣି ପିଇବାକୁ ଆସି ସେ ଏକ ପୋଲିସ୍ ଗାଡ଼ି ଦେଖି ସେଥିରେ ରହିଯାଇଥିଲେ । ପୋଲିସ୍ ଷ୍ଟେସନରେ ମଧ୍ୟ ତାଙ୍କୁ ଧମକ ଦିଆଯାଇଥିଲା । ଆକ୍ରମଣକାରୀଙ୍କ ନାଁ ଯଦି ସେ ପ୍ରଘଟ କରନ୍ତି ତେବେ ତାଙ୍କୁ ବିଷାକ୍ତ ଇଞ୍ଜେକସନ୍ ଦିଆଯିବ ଇତ୍ୟାଦି ଇତ୍ୟାଦି । ସେ ନିଜ ଗାଁକୁ ଏହି ୧୫ ବର୍ଷ ଭିତରେ ମାତ୍ର ଥରୁଟିଏ ଯାଇଛନ୍ତି । ଗାଁ ବାଲାଙ୍କୁ ବି ଧମକ । ରାନ୍ଧିକପୁରକୁ ମୁସଲିମ୍ ଶୂନ୍ୟ ଗାଁ କରି ଦିଆଯିବ । ୨୦୦୨ ଫେବୃଆରୀ ୨୭ ତାରିଖରେ ପୈଶାବିକ ଆକ୍ରମଣ କେବଳ ନୁହେଁ ପରବର୍ତ୍ତୀ ସମୟ ବି ବିଲକସ ଶାନ୍ତିରେ ରହି ପାରିନାହାନ୍ତି ।

ଦୀର୍ଘ ୧୫ ବର୍ଷ ପରେ ବମ୍ବେ ଉଚ୍ଚନ୍ୟାୟାଳୟ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ବିଲକିସ୍ ବାନୋଙ୍କ ମାମଲାର ରାୟ ଏବଂ ୨୦୧୨ ନିର୍ଭୟା ମାମଲାର ରାୟ ଏହି ମେ ପ୍ରଥମ ସପ୍ତାହରେ ଆଗ ପଛ ହୋଇ ବାହାରିଛି । ବିଭିନ୍ନ ସମ୍ବାଦ ପତ୍ରରେ ଏହି ଦୁଇଟି ମାମଲାର ରାୟକୁ ସମୀକ୍ଷା କରାଯାଇଛି । ବିଲକିସ ବାନୋ ମାମଲା ବମ୍ବେ ହାଇକୋର୍ଟ ବିଚାର କରୁଥିଲାବେଳେ ୨୦୧୭ ଦିଲ୍ଲୀ ନିର୍ଭୟା ମାମଲା ଦେଶର ଉଚ୍ଚତମ ନ୍ୟାୟାଳୟରେ ପହଞ୍ଚି ଯାଇଥିଲା । ଦେଶର ଉଚ୍ଚତମ ନ୍ୟାୟାଳୟ ନିର୍ଭୟା ଗଣବଳତ୍କାର ଓ ହତ୍ୟା ମାମଲାକୁ 'ରେଆରେଷ୍ଟ ଅଫ୍ ଦି ରେଆର' ବୋଲି ବିଚାର କରି ସମ୍ପୃକ୍ତ ଚାରି ଜଣ ଅପରାଧୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି । ଅପରାଧୀଙ୍କ କାଣ୍ଡକୁ ଉଚ୍ଚତମ ନ୍ୟାୟାଳୟ ଡିମୋନିକ (**demonic**) ସାଡ଼ିଷ୍ଟିକ୍ (**sadistic**) ଏବଂ ସାଭେଜ (**savage**) ବୋଲି ବର୍ଣ୍ଣନା କରିବା ପରେ ସେହି ଅପରାଧକୁ **'rarest of the rare'** ବୋଲି କହିଛନ୍ତି । ସେହି ଘଟଣା କିପରି ଦେଶର ଚେତନାକୁ ଦୋହଲାଇ ଦେଇ ଥିଲା ତାହା ସମ୍ପୃକ୍ତ ରାୟରେ ଲିପିବଦ୍ଧ କରିବାକୁ ଯାଇ ଉଚ୍ଚତମ ନ୍ୟାୟାଳୟ କହିଛନ୍ତି – ସମ୍ପୃକ୍ତ ଅପରାଧ – ନିର୍ଭୟା ଗଣବଳତ୍କାର ଏବଂ ହତ୍ୟା ଘଟଣା ସୁନାମୀ ପରି ସେତେବେଳେ ଗଣଚେତନାକୁ ଆକ୍ରାନ୍ତ କରିଥିଲା ।

ବଳତ୍କାର ଦିଲ୍ଲୀର ୨୦୧୨ର ଗଣ ମାମଲାକୁ ଆମ ଦେଶର ବିଚାର ବ୍ୟବସ୍ଥା ମାପକାଠିରେ ତଉଲିଲେ ତ୍ୱରିତ ବୋଲି ନିଶ୍ଚୟ ମନେ ହେବ । ବିଲକିସ୍ ବାନୋଙ୍କୁ ୨୦୦୨ର ଗଣବଳତ୍କାର ମାମଲରେ ବମ୍ବେ ଉଚ୍ଚ ନ୍ୟାୟାଳୟର ରାୟ ଆଉ ଗୋଟିଏ ଦୃଷ୍ଟିକୋଣରୁ ବି ଅତି ଗୁରୁତ୍ୱପୂର୍ଣ୍ଣ । ସମୟର ମାପକାଠିରେ ଏହି ରାୟ ମିଳିବା ପାଇଁ ୧୫ ବର୍ଷ ଲାଗିଲେ ବି ଏହି

ଅବଶିଷ୍ଟାଂଶ ୮ ପୃଷ୍ଠାରେ



# ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ

ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA, କେନ୍ଦୁଝର ବେସ୍ ୟୁନିଟ୍

ଛବିଟିଏ ହଜାରେ ଶବ୍ଦର କଥା କହିଥାଏ । ସମୟର ଗତିପଥ ଅଥବା ଇତିହାସର ମୋଡ଼ ବଦଳାଇଦେଇଥିବା ଫଟୋ ସବୁର ହିସାବ ନାହିଁ । ଯେପରିକି, କିଛିଦିନ ପୂର୍ବରୁ ସାଗର ତଟରେ ଆଲ୍ୟାନ ନାମକ କୁନି ପିଲାଟିର ନିଶ୍ଚଳ ଶରୀର ବିଶ୍ୱବ୍ୟାପୀ ସାମ୍ରାଜ୍ୟବାଦର ଭୟଙ୍କର ବାସ୍ତବତାକୁ ବାଖ୍ୟା କରୁଥିଲା । କିଛି ଦିନ ପୂର୍ବରୁ ରାଉରକେଲା ରେଳ ଷ୍ଟେସନରେ ଜଣେ କୁନି ଝିଅ ଓ ଗୋଟିଏ ବୁଲା କୁକୁର ପାଖାପାଖି ଶୋଇଥିବାର ଫଟୋଚିତ୍ର କୌଣସି ଏକ ଦୈନିକ ଖବର କାଗଜରେ ପ୍ରକାଶିତ ହୋଇଥିଲା । ରେଳ ଷ୍ଟେସନ ଓ ତାର ପାଖାପାଖି ଅଞ୍ଚଳରେ ଏତେତେଣେ ପଡ଼ିଥିବା ଜରି ଗୋଟାଇବା ଥିଲା ତାର ଦୈନନ୍ଦିନ କାମ । ଏହି ଛବିଟି ବାଖ୍ୟା କରୁଥିଲା ଭାରତ ବର୍ଷର କୋଟି କୋଟି ଶିଶୁମାନଙ୍କ କରୁଣ କାହାଣୀ । ଏହି ପରି ଅନେକ ପ୍ରତୀକାତ୍ମକ ଛବି ସବୁ ଆମ ଆଖିରେ ଅଙ୍ଗୁଳି ଗେଞ୍ଜି ଦେଖାଇଦେଉଛନ୍ତି ଆମ ଦେଶର ବିଗତ ସତୁରୀ ବର୍ଷର ଆର୍ଥିକ ଅଧୋଗତି, ଘୁଣଖିଆ ରାଜନୀତି । ପ୍ରଶ୍ନ ହେଉଛି, ତଥାକଥିତ ବୁଦ୍ଧିଜୀବୀ ବୋଲାଉଥିବା ଆମ ପରି ମଣିଷ ସତରେ କଣ ଏହି ନିଷ୍ଠୁର ବାସ୍ତବତା ପ୍ରତି ସେତିକି ସଚେତନ ହୋଇଛନ୍ତି । ଭାରତ ପରି ଗୋଟିଏ ଶ୍ରେଣୀ ବିଭକ୍ତ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଆମେ କଣ ଆମର କର୍ତ୍ତବ୍ୟ ଯଥାବିଧି ପାଳନ ପରିପାରିଛୁ ? ଆତ୍ମ ସମୀକ୍ଷା କରିବାର ସମୟ ଅତିକ୍ରାନ୍ତ ।

ନିକଟ ଅତୀତରେ ମହଂଗା ଭତ୍ତା ହାରରେ ହ୍ରାସ ହେତୁ ଆମର ବେଶ୍ କିଛି ବଂଧୁ ହୋହାଲା କଲେ । ସାମଗ୍ରିକ ଭାବରେ ଖାଦ୍ୟପଦାର୍ଥ ମୂଲ୍ୟସୂଚୀରେ ହ୍ରାସ ବୃଦ୍ଧି ଏହି ପରିସଂଖ୍ୟାନକୁ ପ୍ରଭାବିତ କରିଥାଏ । ଏହା ବଢ଼ିଲେ ଆମେ ସମସ୍ତେ ଖୁସି ହେଉ, ଅଥଚ ଟଙ୍କାଟାଏ କମିଗଲେ ଆମେ ଉତକ୍ଷିପ୍ତ ହୋଇଯାଉ । କିନ୍ତୁ ପ୍ରତିଦିନ ଅନ୍ଧାରୀ ଭବିଷ୍ୟତର ସାମ୍ନା କରୁଥିବା ଭାରତ ବର୍ଷର କୋଟି କୋଟି ଜନତାଙ୍କ କଥା ଆମେ ଟିକିଏ ସମୟ ଦେଇ ଚିନ୍ତା କରିଛନ୍ତି କି ? ସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଭାରତ ବର୍ଷର ଶ୍ରମିକ ଶ୍ରେଣୀର ୭% ପ୍ରାୟ ଶ୍ରମିକ କର୍ମଚାରୀ ନିଯୁକ୍ତି ଜନିତ ସୁବିଧା ସୁଯୋଗ ଓ ସାମାଜିକ ସୁରକ୍ଷା ଉପଭୋଗ କରୁଥିବା ବେଳେ, ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ବାକି ୯୩% ଶ୍ରମିକ ସାମାନ୍ୟ କିଛି ମାତ୍ରାରେ ସୁରକ୍ଷା ହାସଲ ପାଇଁ ଆଜି ବି ସଂଗ୍ରାମରତ । ରାଷ୍ଟ୍ରାୟତ୍ତ ବୀମା ଶିଳ୍ପରେ ନୂତନ ମଜୁରୀ ହାର ନୀତିଗତ ଭାବରେ ଲାଗୁ ହେବାର ସମୟ ନିକଟତର । ଆମ ସଙ୍ଗଠନ ସେଥିପାଇଁ ପ୍ରାକ ପ୍ରସ୍ତୁତି ଆରମ୍ଭ କରିସାରିଛି । ଇତି ମଧ୍ୟରେ ମଜୁରୀ ବୃଦ୍ଧି ଦାବୀ ପତ୍ରର ଖସଡ଼ା କର୍ମଚାରୀ ବନ୍ଧୁମାନଙ୍କ ଅବଗତି ଓ ଆଲୋଚନା ନିମିତ୍ତ ସମସ୍ତ ବେସ୍ ୟୁନିଟ୍‌ମାନଙ୍କୁ ପଠାଯାଇଛି । ମଜୁରୀ ବୃଦ୍ଧି ସମ୍ପର୍କରେ ଆଲୋଚନା ହେବା ନିତାନ୍ତ ଆବଶ୍ୟକ । କିନ୍ତୁ ଏହା କେଉଁ ପରିପ୍ରେକ୍ଷୀରେ ହେବା ଉଚିତ୍ । ବୀମା ଶିଳ୍ପର ମଜୁରୀ ବୃଦ୍ଧିର କେବଳ ମାତ୍ର ଆମର ଶିଳ୍ପ ମଧ୍ୟରେ ସିମୀତ ନୁହେଁ କିମ୍ବା ଏହାକୁ ଏକକ ଭାବରେ ଆଲୋଚନା କରାଯାଇପାରେନା । ମଜୁରୀ ବୃଦ୍ଧି ଆର୍ଥିକ ବିଷୟ ହୋଇଥିବାରୁ, ଏହା ଦେଶର ଅର୍ଥ ବ୍ୟବସ୍ଥା, ରାଜନୀତି ଓ ସାମାଜିକ ଅବସ୍ଥା ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରେ। ସରଳ ଭାବରେ କହିଲେ, ଦେଶ ଓ ଦେଶବାସୀ, ବିଶେଷ ଭାବରେ କୃଷକ ସମାଜ ଓ ଶ୍ରମିକ ଶ୍ରେଣୀର ସାଂପ୍ରତିକ ପରିସ୍ଥିତି ସମ୍ପର୍କରେ ସ୍ପଷ୍ଟ ଅବଧାରଣା ନ ରହିଲେ, ଆମର ମଜୁରୀ ବୃଦ୍ଧିର ବିଷୟ ଆଲୋଚନା ନିରର୍ଥକ ହେବ । ଆଜି ସମୟରେ ଦେଶର ସାମଗ୍ରିକ ଅବସ୍ଥା, ବିଶ୍ୱ ପରିସ୍ଥିତି ଉପରେ କେତେ ନିର୍ଭରଶୀଳ ତାହାର ବାଖ୍ୟା ଅନାବଶ୍ୟକ ।

କିଛି ମାସ ପୂର୍ବରୁ ଆମ ରାଜ୍ୟର ଉପାନ୍ତ ଅଞ୍ଚଳର ଅଧିବାସୀ ଦାନ ମାଝୀ ନିଜର ସ୍ତ୍ରୀର ଶବକୁ କାନ୍ଧରେ ବୋହି ନେବାର ହୃଦୟବିଦାରକ ଛବି କେବଳ ଆମ ରାଜ୍ୟ ନୁହେଁ, ସାରା ଦେଶ ଏପରିକି ଦେଶ ବାହାରେ ମଧ୍ୟ ହଇଚଇ ସୃଷ୍ଟି କରିଥିଲା । ସେହି ଦାନ ମାଝୀମାନେ, ଯାହାଙ୍କ ସଂଖ୍ୟା ୭୦ ପ୍ରତିଶତ, ସେମାନେ ବୁଝନ୍ତି ନାହିଁ ଜଗତୀକରଣର କଥା, ଉଦାରୀକରଣର ଗାଥା । ଆଦାନୀ ଅମ୍ବାନୀ ଅବା ମାଲ୍ୟାଙ୍କୁ ସେମାନେ ବା କାହିଁକି ଜାଣିବେ ? ସକାଳୁ ସଂନ୍ଧ୍ୟା ପେଟ ଚାଖଣ୍ଡକ ପାଇଁ ପ୍ରତିଦିନ ସନ୍ତୁଳି ହେଉଥିବା ଜୀବଟିଏ (?) ମୋଦୀ ଦେଖାଉଥିବା ଅଚ୍ଛେଦିନର ରଙ୍ଗିନ୍ ସ୍ୱପ୍ନରେ ଭଳିଯିବାରେ କିଛି ବିଚିତ୍ରତା ନାହିଁ । କିନ୍ତୁ ସ୍ୱପ୍ନ ଭାଙ୍ଗିଯିବା ବେଳକୁ ନେଡ଼ିଗୁଡ଼ କହୁଣିକୁ ଛୁଇଁବା ପାଇଁ ବେଶୀ ସମୟ ନ ଥାଏ । ସେତିକିବେଳେ ଅନ୍ତତଃ ଏତିକି ବୁଝିପାରେ ଯେ କି ପ୍ରକାରର ଧପ୍ପାବାଜର ଶିକାର ହୋଇଛି । ଦୀର୍ଘ ୭୦ ବର୍ଷ ଧରି ଏହି ପ୍ରକ୍ରିୟା ଚାଲିଆସିଛି । ଆମେ ମଧ୍ୟ ସେହିମାନଙ୍କ ମଧ୍ୟରୁ ଜଣେ । ଫରକ ଏତିକି ଯେ ଆମେ ଯେହେତୁ ସଙ୍ଗଠିତ କ୍ଷେତ୍ରରେ କାମ କରୁଛୁ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷିତ ରଖିପାରିଛୁ, ତାହା ମଧ୍ୟ ନିରନ୍ତର ସଂଗ୍ରାମ ହେତୁ ।

ଆଜିର ଜଗତୀକରଣ ଯୁଗରେ ବିଶ୍ୱ ସଂକୁଚିତ ହେବାରେ ଲାଗିଛି । କିନ୍ତୁ ଏକଥା ମଧ୍ୟ ମନେ ରଖିବା ଆବଶ୍ୟକ ଯେ, ବିଭିନ୍ନ ଦେଶରେ ଶ୍ରମିକ ସମାଜ ସାମନା କରୁଥିବା ଅତ୍ୟାଚାର ନିର୍ଯ୍ୟାତନାର ବାସ୍ତବ ଚିତ୍ର ଓ ସମ୍ପୃକ୍ତ ଦେଶ ସମୂହର ନିପୀଡ଼ିତ ଅଧିବାସୀଙ୍କ କରୁଣ ଗାଥା ଆଉ କାହାକୁ ଅବୋଧ୍ୟ ହୋଇ ରହି ନାହିଁ । ଏଣୁ ବିଶ୍ୱାୟନର ସକାରାତ୍ମକ ଦିଗଟି ହେଲା, ସାରା ବିଶ୍ୱର ଶ୍ରମିକ ଶ୍ରେଣୀ ଏକଜୁଟ୍ ହେବାରେ ଲାଗିଛନ୍ତି ଓ ଶ୍ରମିକ ଶ୍ରେଣୀର ଶକ୍ତି ବୃଦ୍ଧିହେବାରେ ଲାଗିଛି । କିନ୍ତୁ ଆମ ଦେଶ ସମେତ ବିଶ୍ୱର ସମସ୍ତଦେଶରେ ଶାସକ ଗୋଷ୍ଠୀ ଶ୍ରମିକ ଶ୍ରେଣୀର କ୍ରମବର୍ଦ୍ଧିଷ୍ଣୁ ଶକ୍ତିରେ ଭୟଭୀତ ହୋଇ, ଶ୍ରମିକ ଶ୍ରେଣୀର ଏକତାକୁ ଖିନ୍‌ଭିନ୍ କରିବା ପାଇଁ ସଦା ଉଦ୍ୟମରତ । ବଜାର ଅର୍ଥନୀତି ପ୍ରଣୟନ ହେତୁ ଆମ ଦେଶ ସମେତ ସବୁ ଦେଶରେ ସାଧାରଣ ବର୍ଗର କିୟଦଂଶଙ୍କ ଜୀବନ ଜୀବିକାରେ କିଛିଟା ଉନ୍ନତି ହୋଇଛି ନିଶ୍ଚୟ, ଯେଉଁଥିରେ ଆମ ପରି ଚାକିରୀଆ ଗୋଷ୍ଠୀ ଅର୍ନ୍ତଭୁକ୍ତ । ଶାସକ ବର୍ଗ ଏହାର ସୁଯୋଗ ନେଇ ଶ୍ରମିକ ଶ୍ରେଣୀ ମଧ୍ୟରେ ଅର୍ନ୍ତଦ୍ୱନ୍ଦ ସୃଷ୍ଟି କରି ବିଭାଜନ ମାଧ୍ୟମରେ ଫାଇଦା ହାସଲ କରିବାରେ ସଦା ଉଦ୍ୟମରତ । ଆମର ମନେ ରଖିବା ଉଚିତ୍ ଯେ ଶ୍ରମିକ ଶ୍ରେଣୀ ମଧ୍ୟରେ ଯେ କୌଣସି ପ୍ରକାରର ଦୁର୍ବଳତା ଆମ ପାଇଁ ଆତ୍ମଘାତୀ ହେବ । ଏଣୁ ସଚରାଚରେ ସାରା ଦେଶର କେବଳ ଶ୍ରମିକ ନୁହେଁ, କୃଷକ, ନିଯୁକ୍ତି ଅନ୍ୱେଷଣରେ ବେକାର ଯୁବଗୋଷ୍ଠୀ ଓ ଅନ୍ୟାନ୍ୟ ଆକ୍ରାନ୍ତ ବର୍ଗଙ୍କ ଲଢ଼େଇରେ ନିଜକୁ ସାମିଲ ନ କରିବା, ତା ହେଲେ ଆମର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଚାଲିଯିବ ।

ବୀମା କର୍ମଚାରୀ ହିସାବରେ ଆମେମାନେ ଉପଭୋଗ କରୁଥିବା ସୁବିଧା ସୁଯୋଗରେ ଲେଶ ମାତ୍ର ହ୍ରାସ ଆମେମାନେ ବରଦାସ୍ତ କରିପାରୁ ନ

ଥିବାବେଳେ, ପ୍ରଥମରୁ ବର୍ଣ୍ଣିତ ମୌଳିକ ସୁଖ ସୁବିଧାରୁ ବଞ୍ଚିତ କୁନି ଝିଅ ପରି ଭାରତ ବର୍ଷର କୋଟି କୋଟି ସାଧାରଣ ଜନତା ଆମମାନଙ୍କୁ ସେମାନଙ୍କର ସହଯୋଦ୍ଧା ଭାବରେ ଗ୍ରହଣ କରିବେ ତ ? ଏହା ହିଁ ଆମ ପାଖରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ? ଆମମାନଙ୍କର ନୂତନ ମଜୁରୀ ବୃଦ୍ଧି ଦାବୀର ଚୁଡ଼ାନ୍ତ ପତ୍ର ଆଗାମୀ କିଛି ମାସ ମଧ୍ୟରେ କର୍ତ୍ତୃପକ୍ଷଙ୍କ ପ୍ରଦାନ କରାଯିବା ସମସ୍ତଙ୍କ ପାଇଁ ଖୁସି ଖବର ନିଶ୍ଚୟ । କିନ୍ତୁ ମଜୁରୀ ବୃଦ୍ଧିର ବିଷୟ ହେଉଛି ଶ୍ରମ ଓ ପୁଞ୍ଜି ମଧ୍ୟରେ ଲଢ଼େଇ । ତେଣୁ, ତାକୁ ଆଦାୟ କରିବା ଯେଉଁ ଲଢ଼େଇ ହେବ ତାହା ହେବ  ଜଗତୀକରଣ ବିରୁଦ୍ଧରେ, ହିନ୍ଦୁତ୍ୱବାଦ ବିରୁଦ୍ଧରେ, ସ୍ୱାଧିନ ମତ ବ୍ୟକ୍ତକରିବାର ଅଧିକାର ସଂକୁଚିତ ହେବା ବିରୁଦ୍ଧରେ, ଗୋ–ରକ୍ଷା ନାମରେ ସଂଖ୍ୟାଲଘୁ ସଂପ୍ରଦାୟ ଉପରେ ଆକ୍ରମଣ ବିରୁଦ୍ଧରେ, ସାଂପ୍ରଦାୟିକତା ବାଦ ବିରୁଦ୍ଧରେ, ଶ୍ରମିକ ଶ୍ରେଣୀକୁ ପଙ୍ଗୁ କଲାଭଳି ଶ୍ରମ ଆଇନ ପ୍ରଚଳନ ବିରୁଦ୍ଧରେ, ପୁଁଜିବାଦୀ ଅର୍ଥନୀତିର ଅନ୍ଧାଧୁନିଆ ପ୍ରଚଳନ ବିରୁଦ୍ଧରେ, ବିଜେପିର ଶାସନ ଆରମ୍ଭରୁ ଅପେକ୍ଷାକୃତ ଶାନ୍ତ ରହିଥିବା ସୀମାନ୍ତ କାଶ୍ମୀର ଅଞ୍ଚଳରେ ଆତଙ୍କବାଦ କଡ଼ଲେଉଟାଇବା ବିରୁଦ୍ଧରେ ଓ ସର୍ବୋପରି ସାଧାରଣ ଜନ ଜୀବନର ସମସ୍ତ ଅଧିକାର ସଂକୁଚିତ କରିବା ପାଇଁ ସରକାରଙ୍କ ପ୍ରଚେଷ୍ଟା ବିରୁଦ୍ଧରେ ।

ଦେଶର ଭାଗ୍ୟ ଡୋରି ଏବେ ଗୋଟେ ଅତ୍ୟନ୍ତ ଦକ୍ଷୀଣପନ୍ଥୀ ପ୍ରତିକ୍ରିୟାଶୀଳ ଦଳ ହାତରେ । ମୋଦୀ ଶାସନର ତିନି ବର୍ଷ ଅତିକ୍ରାନ୍ତ । 'ମନ କି ବାତ' ଜରିଆରେ ଶୂନ୍ୟ ସଫଳତାର କାହାଣୀକୁ ଡେଙ୍ଗୁରା ପିଟିପିଟି ଜୋର ଜବରଦସ୍ତ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାରୀ ଦଳର ମୁଖିଆ ସମେତ ସରକାରୀ କଳ ଅହରହ ଲାଗିପଡ଼ିଛନ୍ତି । ଦେଶବ୍ୟାପୀ ଭୟର ବାତାବରଣ । ସାଂପ୍ରତିକ ପରିସ୍ଥିତିକୁ ହୃଦୟଙ୍ଗମ କରିବାରେ ବ୍ୟର୍ଥତା, ଆମ ଜୀବନ ଜୀବିକାର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଆମ ଅଧିକାରକୁ ସାବ୍ୟସ୍ତ କରିବାକୁ ହେଲେ, ଆମ କର୍ତ୍ତବ୍ୟ ବିଷୟରେ ସଚେତନ ହୋଇ, ତାହାକୁ ଦାୟିତ୍ୱ ସହକାରେ ନିର୍ବାହ କରିବାକୁ ହେବ । ଆସନ୍ତୁ ଆମେ ସମସ୍ତେ ଏକଜୁଟ୍ ହୋଇ ସେଇ କୁନିଝିଅଟି ପରି ଦେଶର ଅଗଣିତ ଅଧିବାସୀଙ୍କ ମୌଳିକ ଅଧିକାର ସାବ୍ୟସ୍ତ କରିବା ଲଢ଼େଇରେ ନିଜକୁ ସାମିଲ କରି, ନିଜର ୪୦ ଶତକଡ଼ା ମଜୁରୀ ବୃଦ୍ଧିର ଦାବୀକୁ ସୁନିଶ୍ଚିତ କରିବା ।

❖❖❖

କରିବାକୁ ହେବ । ରିପୋର୍ଟ ଅନୁସାରେ ଭାରତ ବର୍ଷର ଏକ ନବଜାତ ଶିଶୁ ବଞ୍ଚିରହିବାର ସମ୍ଭାବନା ଆଫଗାନିସ୍ଥାନ ଓ ସୋମାଲିଆ ଠାରୁ ନୈରାଶ୍ୟ ଜନକ । ୧୯୫ ଦେଶକୁ ନେଇ ହୋଇଥିବା ଗବେଷଣାରେ ଭାରତ ପୂର୍ବାପେକ୍ଷା ୧୧ଟି ସ୍ଥାନ ତଳକୁ ଖସି ୧୫୪ରେ ପହଁଞ୍ଚିଛି । ଆମର ସ୍ୱାସ୍ଥ୍ୟ ସୂଚକାଙ୍କ ଏପରିକି ଶ୍ରୀଲଙ୍କା, ବାଂଲାଦେଶ, ଭୂଟାନ, ନେପାଳଠାରୁ ମଧ୍ୟ ନିକୃଷ୍ଟ । ଏଠାରେ ପ୍ରଶ୍ନ ଉଠେ ଯଦି ଜନସାଧାରଣ ସରକାରଙ୍କର ନୀତି ଦ୍ୱାରା ଏତେ ଉପକୃତ ହୋଇଛନ୍ତି ତେବେ ଏତେ ପ୍ରଚାର କାହିଁକି ? ବରଂ ତିନି ବର୍ଷର ପୂର୍ତ୍ତି ପାଳନ କରିବାରେ ଅପଚୟ ଅର୍ଥ ଓ ସମୟକୁ ଯଦି ମୋଦି ଦେଶବାସୀଙ୍କ ପାଇଁ ବିନିଯୋଗ କରନ୍ତେ, ତେବେ କିଛିଟା ସମସ୍ୟାର ସମାଧାନ ହୋଇପାରନ୍ତା ।

ଅପର ପକ୍ଷରେ ଆମ ଦେଶର ୧% ଦେଶବାସୀଙ୍କ ନିୟନ୍ତ୍ରଣରେ ତିନି ବର୍ଷ ପୂର୍ବେ ଦେଶର ୪୯% ସମ୍ପତ୍ତି ମହଜୁଦ ଥିବା ବେଳେ ଏବେ ତାହା ୫୮.୪%ରେ ପହଞ୍ଚିଛି । ଏମାନଙ୍କୁ ଅଧିକ ବିତ୍ତଶାଳୀ କରିବାକୁ ନଗଦ ବିହୀନ ଦେୟ ବ୍ୟବସ୍ଥା ପ୍ରଚଳନ କରି ଫ୍ଲିପ୍‌କାର୍ଟ, ସ୍ନାପ୍‌ଡିଲ୍, ସପ୍‌କ୍ଲୁଜ୍, ସିସିଆଭେନ୍ୟୁଜ୍, ଓଲା, ଓୟାରୁମ୍‌ସ୍ ଭଳି ଇଣ୍ଟରନେଟ୍ କମ୍ପାନୀ ଓ ପେଟିଏମ୍, ଫ୍ରିଚାର୍ଜ, ଜିଓମନି ଭଳି ଦେୟ କମ୍ପାନୀଙ୍କ ହାତ ଚିକ୍କଣ କରାଯାଉଛି । ୨୦୧୪–୧୫, ୧୫–୧୬, ୧୬–୧୭ରେ ରାଷ୍ଟ୍ରାୟତ୍ତ କମ୍ପାନଗୁଡ଼ିକରୁ ଯଥାକ୍ରମେ ୫୮୪୨୫ କୋଟି ଟଙ୍କା , ୪୧୦୧୦ କୋଟି ଟଙ୍କା ଓ ୪୬୨୪୭ କୋଟି ଟଙ୍କାର ପୁଞ୍ଜିପ୍ରତ୍ୟାହାର କରାଯାଇ ପୁଞ୍ଜିପତିଙ୍କ ସିନ୍ଧୁକ ବୃଦ୍ଧି କରାଯାଇଛି । ଶିଳ୍ପପତିମାନେ ବିଭିନ୍ନ ବ୍ୟାଙ୍କରୁ ନେଇଥିବା ଅନାଦେୟ ଋଣର ପରିମାଣ ଜୁନ୍ ୨୦୧୪ରେ ୨.୩୪ ଲକ୍ଷ କୋଟି ଟଙ୍କା ଥିବାବେଳେ ଡିସେମ୍ବର ୨୦୧୬ ସୁଦ୍ଧା ତାହା ୬.୪୬ ଲକ୍ଷ କୋଟି ଟଙ୍କାରେ ପହଁଞ୍ଚିଛି । ମୋଦି ସରକାରଙ୍କ ଆର୍ଥିକ ନୀତି ବାଦ ଦେଶର ସାମ୍ବିଧାନିକ, ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ବିପଦ ମୁକ୍ତ ନୁହେଁ । ରାଜ୍ୟସଭାର ଗଣିତ ସରକାରଙ୍କ ସପକ୍ଷରେ ନ ଥିବାରୁ ରାଜ୍ୟ ସଭାକୁ ବେଖାତିର କରି 'ଆଧାର ବିଲ୍' କୁ ମନି ବିଲ୍‌ର ଆଖ୍ୟାଦେଇ ପାସ୍ କରାଇନେବା ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ବିକଳାଙ୍ଗ କରିବା ଛଡ଼ା ଆଉ କିଛି ନୁହେଁ ।

୧୨ ପୃଷ୍ଠାର ଅବଶିଷ୍ଟାଂଶ

ଏସବୁ ନୀତି ବିରୁଦ୍ଧରେ ଜନସାଧାରଣ ପାଗ ଭିଡ଼ିବାକୁ ଆରମ୍ଭ କଲାବେଳକୁ ଜାତି, ଅଞ୍ଚଳ, ସଂପ୍ରଦାୟ ଭିତ୍ତିରେ ବିଭେଦର ବୀଜ ବିପନ କରାଯାଉଛି । ବିଗତ ତିନି ବର୍ଷକୁ ପ୍ରଗତିଶୀଳ ଶକ୍ତିମାନେ ଏହାକୁ ଯେଉଁ ଅସହିଷ୍ଣୁତା ତଥା ଗୈରୀକରଣର ବର୍ଷ ବୋଲି କହିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍ ନୁହେଁ । ଜନ ସାଧାରଣଙ୍କ ଖାଦ୍ୟ, ପୋଷାକ ଏପରିକି ଜୀବନ ସାଥୀ ଚୟନରେ ହସ୍ତକ୍ଷେପ ହେଉଛି  । ମୁହଁରେ ମୋକ୍ଷ, ମୁକ୍ତି, ନିର୍ବାଣ କଥା କହୁଥିବା ସାଧୁ, ସନ୍ୟାସୀ, ଯୋଗୀମାନଙ୍କର ଆଜି ରାଜଗାଦି ପ୍ରତି ଅହେତୁକ ଲୋଭ ଦେଖାଯାଇଛି । ଗୋ ସୁରକ୍ଷା ନାମରେ ମଣିଷ ଜୀବନ ତୁଚ୍ଛ ହୋଇଯାଇଛି । ପୌରାଣିକ କାହାଣୀକୁ ଇତିହାସର ମାନ୍ୟତା ଦେଇ ଆମ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିବାର ହୀନ ଉଦ୍ୟମ ହେଉଛି । ନିରପେକ୍ଷ ତଥ୍ୟ, ଜ୍ଞାନ ପ୍ରଦାନ କରୁଥିବା ପ୍ରତ୍ୟେକ ଉତ୍ସକୁ ଗୈରୀକରଣ କରିବାର ଲକ୍ଷ୍ୟ ରଖି ନିଜ ନିୟନ୍ତ୍ରଣକୁ ନିଆଯାଉଛି ।  ୱାଇ ସୁଦର୍ଶନ ରାଓଙ୍କୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ହିଷ୍ଟୋରିକାଲ୍ ରିସର୍ଚ୍ଚର ଚେୟାରମେନ ଭାବେ, ଗଜେନ୍ଦ୍ର ଚୌହାନଙ୍କୁ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ଚେୟାରମେନ ଭାବେ, ଶ୍ରମୀତୀ ଚନ୍ଦ୍ରକଳା ପାଢ଼ିଆଙ୍କୁ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡ଼ଭାନସ୍ ଷ୍ଟଡ଼ିର ଡାଇରେକ୍ଟର ଭାବେ, ଆର୍.ଏସ୍.ଏସ୍.ର ପତ୍ରିକା ପଞ୍ଚଜନ୍ୟର ସମ୍ପାଦକ ବଳଦେବ ଶର୍ମାଙ୍କୁ ନାସନାଲ୍ ବୁକ୍ ଟ୍ରଷ୍ଟର ଚେୟାରମ୍ୟାନ୍, ସଂଘ ପରିବାର ସଦସ୍ୟ ଏ. ସୂର୍ଯ୍ୟପ୍ରକାଶଙ୍କୁ ପ୍ରସାର ଭାରତୀର ଚେୟାରମେନ୍, ପହଲାଜ ନିହାଲନିଙ୍କୁ ସେଣ୍ଟ୍ରାଲ୍ ବୋର୍ଡ଼ ଅଫ୍ ଫିଲ୍ମ ସାର୍ଟିଫିକେଶନର ଚେୟାରମେନ୍ ଭାବେ ନିଯୁକ୍ତ କଲାପରେ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିବାଦ ଓ ଉଦ୍‌ବେଗ ବୃଦ୍ଧି ପାଇଛି । ଏପରିକି ସେହି ସବୁ ସଂସ୍ଥାରେ ଥିବା ସଦସ୍ୟଙ୍କ ଇସ୍ତଫା ଓ ପ୍ରତିବାଦକୁ ସରକାର ତିଳେ ମାତ୍ର କର୍ଣ୍ଣପାତ କରୁନାହାଁନ୍ତି । ଆଜି ଦେଶ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି । ଦେଶକୁ ଓ ବୃହତ୍ତର ସମାଜକୁ ରକ୍ଷା କରିବାକୁ ହେଲେ ପ୍ରଗତୀଶୀଳ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ଦୁର୍ବାରଐକ୍ୟ ଓ ବ୍ୟାପକ ଜନ  ସଚେତନତା ବୃଦ୍ଧି କରିବା ବର୍ତ୍ତମାନ ସମୟର ଆହ୍ୱାନ ।

❖ ❖ ❖



# ତିନ୍ ସାଲ୍ ବାଦ୍ ମୋଦି ସର୍‌କାର୍

ଅଭୟ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ, CDIEA

ଗତ ମେ ୨୬ ତାରିଖରେ ନରେନ୍ଦ୍ର ମୋଦି ନେତୃତ୍ୱାଧିନ ଏନ୍.ଡ଼ି.ଏ. ସରକାର ତାଙ୍କର ତିନିବର୍ଷର ଶାସନ ସମାପ୍ତି କରିଛି । ଏହି ଉପଲକ୍ଷେ ଜନସାଧାରଣଙ୍କ ଟିକସ ଅର୍ଥରେ ଗଣମାଧ୍ୟମରେ ସରକାରଙ୍କ ବିଫଳତାକୁ ସଫଳତାର ରୂପ ଦେଇ ଅହରହ ପ୍ରଚାର କରାଯାଉଛି । ମୋଦିଙ୍କ ଉପନାମରେ କାର୍ଯ୍ୟକ୍ରମରେ ନାମକରଣ ରଖାଯାଇଛି 'ମେକିଙ୍ଗ୍ ଅଫ୍ ଡେଭେଲପ୍‌ମେଣ୍ଟ ଇଣ୍ଡିଆ' । କିନ୍ତୁ କଂଗ୍ରେସ ଏହି ତିନିବର୍ଷ ଶାସନକୁ 'ମିଥ୍ୟା, ଛଳନା, ଓ ପ୍ରବଞ୍ଚନାର ତିନିବର୍ଷ' ଭାବେ ଅଭିହିତ କରିଛି ।

ମୋଦି ସରକାର ବାକ୍‌ଚାତୁରୀରେ ମାହିର୍ । ଯେହେତୁ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ଦୀର୍ଘକାଳରେ ଫଳପ୍ରଦ ହୁଏ ନାହିଁ ଓ ମନୁଷ୍ୟର ସ୍ମୃତି କ୍ଷଣସ୍ଥାୟୀ ତେଣୁ ନିର୍ବାଚନ ପରେ ସେମାନେ ପ୍ରତି ମୁହୂର୍ତ୍ତରେ ନୂତନ ଶବ୍ଦବିନ୍ୟାସ ସହ ଜନମାସକୁ ଆକୃଷ୍ଟ କଲାଭଳି ନିଷ୍ଫଳ କାର୍ଯ୍ୟକ୍ରମ ଆପଣେଇଛନ୍ତି । ସେସବୁ ମଧ୍ୟରେ ରହିଛି – ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ଷ୍ଟାର୍ଟ ଅଫ୍ ଇଣ୍ଡିଆ, ଷ୍ଟାଣ୍ଡ ଅଫ୍ ଇଣ୍ଡିଆ, ନିଉ ଇଣ୍ଡିଆ, ଜନଧନ ଯୋଜନା, ସ୍ୱଚ୍ଛଭାରତ, ନମାମୀ ଗଙ୍ଗେ, ମନ୍ କି ବାତ୍, ସର୍ଜିକାଲ ଷ୍ଟ୍ରାଇକ୍ ବିମୁଦ୍ରୀକରଣ ଇତ୍ୟାଦି । ଏ ସବୁର ଲକ୍ଷ୍ୟ ହେଉଛି ଜନମାନସକୁ ମୁଖ୍ୟ ସମସ୍ୟା ତଥା ନିର୍ବାଚନ ପ୍ରତିଶ୍ରୁତିଠାରୁ ଦୂରେଇଦେବା । ସେମାନେ ଯେତେ ଦୂରେଇଲେ ବି ମୋଦି ସରକାରଙ୍କ ନିର୍ବାଚନ ଇସ୍ତାହାର – ମୁଦ୍ରାସ୍ଫୀତି, ବେରୋଜଗାରୀ, ଦୁର୍ନୀତି ଭଳି ପ୍ରସଙ୍ଗ ଉପରେ ବାରମ୍ବାର ଆଲୋଚନା ହେବା ଆବଶ୍ୟକ । ଗତ ତିନି ବର୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ କୌଣସି ପଦକ୍ଷେପ ନ ନେଇ କେବଳ ପରିସଂଖ୍ୟାନର ହାତସଫେଇ ତଥା ବିମୁଦ୍ରାୟନ କୁପ୍ରଭାବ ମାଧ୍ୟମରେ ନିଜକୁ ତ୍ରାଣକର୍ତ୍ତା ବୋଲି ଅଭିହିତ କରୁଛନ୍ତି । ଆଧାରବର୍ଷ ବା ମୂଳବର୍ଷର ପରିବର୍ତ୍ତନ ଜରିଆରେ ଖାଉଟି ମୁଦ୍ରାସ୍ଫୀତିକୁ ୮.୩୩%ରୁ ୨.୯୯%କୁ ହ୍ରାସ କରାଯାଇଛି । କିନ୍ତୁ ଲୋକଙ୍କ ରୋଷେଇ ଘରେ ଝଡ଼ ଥମିବାର ନାଁ ଧରୁନାହିଁ । ରେକର୍ଡ଼ କୃଷି ଉତ୍ପାଦନ ଓ ଅହେତୁକ ଆନ୍ତର୍ଜାତୀୟ ତୈଳଦର ହ୍ରାସ ସତ୍ତ୍ୱେ ଫାଇଦା ଜନସାଧାରଣଙ୍କ ବଦଳରେ ପୁଞ୍ଜିପତିଙ୍କ ପକେଟ୍‌କୁ ଯାଉଛି । ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ଖାଦ୍ୟ, କିରୋସିନି, ରନ୍ଧନ ଗ୍ୟାସ ଉପରେ ଦିଆଯାଉଥିବା ରିହାତିକୁ ୯.୫% ପ୍ରତିଶତରୁ ୭.୯%କୁ ହ୍ରାସ କରାଯାଇଛି ।

ଭାରତ ବିଶ୍ୱର ସବୁଠୁ ତରୁଣ ଦେଶ କାରଣ ଏହାର ୬୦ କୋଟି ଅଧିବାସୀ ୩୫ ବର୍ଷରୁ କମ୍ । ସରକାର ବାର୍ଷିକ ୨ କୋଟି ନିଯୁକ୍ତି ପାଇଁ ଦେଇଥିବା ପ୍ରତିଶ୍ରୁତି ୨ ଲକ୍ଷରେ ବି ପହଞ୍ଚିଲା ନାହିଁ । ବରଂ ସରକାରଙ୍କ ଅପରିଣାମଦର୍ଶିତା ପାଇଁ ଗତ ୩ ବର୍ଷରେ ଲୋକେ ନିଯୁକ୍ତି ହରେଇଛନ୍ତି । ସଦ୍ୟ ଗବେଷଣା ଅନୁଯାୟୀ ପ୍ରଯୁକ୍ତି କ୍ଷେତ୍ର, ଟେଲିକମ୍, ବ୍ୟାଙ୍କ୍, ଆର୍ଥିକ ସଂସ୍ଥାରେ ଆସନ୍ତା ଦେଢ଼ ବର୍ଷରେ ୧୦ ଲକ୍ଷ କର୍ମଚାରୀ ନିଯୁକ୍ତି ହରେଇବେ । ଲେବର ବ୍ୟୁରୋର ତ୍ରୈମାସିକ ରିପୋର୍ଟ ଅନୁଯାୟୀ ବିମୁଦ୍ରୀକରଣ ଯୋଗୁଁ ୧.୫୨ ଲକ୍ଷ ଅସ୍ଥାୟୀ କର୍ମଚାରୀ ଜୀବିକା ହରେଇଛନ୍ତି । କ୍ଷୁଦ୍ର ଓ ମଧ୍ୟମଧରଣର ଶିଳ୍ପାନୁଷ୍ଠାନରେ କାର୍ଯ୍ୟରତ ୮ କୋଟି ଶ୍ରମଜୀବୀ ଅନିଶ୍ଚିତତା ମଧ୍ୟ ନେଇ ଗତି କରୁଛନ୍ତି । ଅପରପକ୍ଷରେ ଶିଳ୍ପପତିଙ୍କ ଚାପରେ ସରକାର ମନରେଗାର ବ୍ୟୟବରାଦ ହ୍ରାସ ଓ ଆଧାର ପଞ୍ଜିକରଣ ବାଧ୍ୟତାମୂଳକ କରିବା ଯୋଗୁଁ ବାର୍ଷିକ ସର୍ବନିମ୍ନ ୧୦୦ ଦିନ କାମ ଆଜି ୪୫ ଦିନରେ ପହଞ୍ଚିଲାଣି । ଭାରତ ବିଶ୍ୱର ସର୍ବବୃହତ ମାଂସ ରପ୍ତାନୀକାରୀ ଦେଶ । ମାଂସ ଉପରେ କଟକଣା ଯୋଗୁଁ ସିଧାସଳଖ ୨୫ ଲକ୍ଷ ଲୋକ ହାତଗୋଡ଼ ଜାକି ବସିଛନ୍ତି । ଦୁର୍ନୀତି ବିରୋଧୀ ଆନ୍ଦୋଳନର ସେନାପତି ବୋଲାଉଥିବା ମୋଦି ସରକାରର ଅସଲ ଚେହେରା ଧରାପଡ଼ିଯାଇଛି । ୨୦୧୬ ଅର୍ଥ ବିଲ୍‌ରେ ବୈଦେଶିକ ଅନୁଦାନ ନିୟନ୍ତ୍ରଣ ଆଇନ (ଏଫ୍.ସି.ଆର୍.ଏ)ର ପରିବର୍ତ୍ତନ କରାଯିବା ଫଳରେ ବିଦେଶରେ ଥାଇ କୌଣସି ବିଦେଶୀ କମ୍ପାନୀଙ୍କ ଅଂଶୀଦାର ଭାରତୀୟ କମ୍ପାନୀ ଯଦି କୌଣସି ରାଜନୈତିକ ଦଳକୁ ଅନୁଦାନ ଦିଅନ୍ତି ତାହା ଭାରତୀୟ ଉତ୍ସ ବୋଲି ବିବେଚନା କରାଯିବ । ଗତ ବଜେଟ୍‌ରେ ସରକାର ସ୍ୱଚ୍ଛତାର ଡିଣ୍ଡିମ ପିଟି କହିଲେ କୌଣସି ବ୍ୟକ୍ତି ବା ଅନୁଷ୍ଠାନ କୌଣସି ରାଜନୈତିକ ଦଳକୁ ନଗଦ ଟଙ୍କା ଆକାରରେ ୨୦୦୦ ଟଙ୍କାରୁ ଅଧିକ ଦେଇପାରିବେ ନାହିଁ । କିଏ ବା ଯଦି ଦିଏ ତେବେ ବ୍ୟାଙ୍କ ମାଧ୍ୟମରେ 'ଇଲେକ୍ଟୋରାଲ୍ ବଣ୍ଡ୍ ଜରିଆରେ ଦେବ । କିନ୍ତୁ ଏହା ପଛରେ ଥିବା ଚଞ୍ଚକତା ଗଣମାଧ୍ୟମରେ ଆସିଲା ନାହିଁ । ପୂର୍ବ ନିୟମ ଅନୁଯାୟୀ ଯେକୌଣସି କମ୍ପାନୀ ତାର ନିଟ୍ ଲାଭର ୭.୫%ରୁ ଅଧିକ କୌଣସି ରାଜନୈତିକ ଦଳକୁ ଦେଇପାରିବ ନାହିଁ । ଯଦିବା ଦିଏ କମ୍ପାନୀର ବୋର୍ଡ଼ରେ ପ୍ରସ୍ତାବ ବଳରେ ଦିଆଯିବ ଓ ଗ୍ରହୀତାଙ୍କ ନାମ ତଥା ଦେୟ ପରିମାଣ ପ୍ରକାଶ କରାଯିବ । ମୋଦି ଏ ଆଇନ୍ ପରିବର୍ତ୍ତନ କରିଛନ୍ତି, ଫଳରେ ଶାସକ ଦଳର ପାଣ୍ଠିକୁ ମୋଟା ଅଙ୍କର କଳାଧନ ଆସିବାର ରାଜ ରାସ୍ତା ନିର୍ମାଣ ହୋଇଗଲା ।

ଗତ ତିନି ବର୍ଷରେ ଅର୍ଥନୀତିର ବିଭିନ୍ନ ବିଭାଗ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାପଡ଼େ ଯେ ଅର୍ଥନୀତିର ଇଞ୍ଜିନ୍ କୁହାଯାଉଥିବା ସର୍ବାଧିକ ନିଯୁକ୍ତି ଦାତା କ୍ଷେତ୍ର କୃଷିର ବାର୍ଷିକ ମାତ୍ର ୧.୭% ହାରରେ ଅଭିବୃଦ୍ଧି ହୋଇଛି । ଚାଷୀଙ୍କୁ ଅନ୍ୟୁନ ୫୦% ନିଶ୍ଚିତ ଲାଭ ପ୍ରଦାନ, ଖାଦ୍ୟ ପରିଚାଳନା ବ୍ୟବସ୍ଥାର ପୁର୍ନଗଠନ, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ଗବେଷଣାଗାର ଆଦି ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ବ୍ୟୟବହୁଳ ଚାଷର ଭାର ସମ୍ଭାଳି ନ ପାରି ଚାଷୀ ଆତ୍ମହତ୍ୟା ବୃଦ୍ଧି ଘଟିଛି ଯାହାକି ପ୍ରତିବର୍ଷ ପୂର୍ବ ବର୍ଷଠାରୁ ୨୬%ଅଧିକ । ପ୍ରତ୍ୟେକ ଦିନ ହାରାହାରୀ ୪୧ ଜଣ ଚାଷୀ ଆତ୍ମହତ୍ୟା କରୁଥିବାର ରିପୋର୍ଟ ଉପରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ସୁପ୍ରିମ୍ କୋର୍ଟରେ ଦେଶର ସଲିସିଟର ଜେନେରାଲ୍ ସ୍ୱୀକାର କରିଛନ୍ତି ଯେ କୃଷକମାନଙ୍କ ଆତ୍ମହତ୍ୟାର ମୁଖ୍ୟ କାରଣ ହେଉଛି କ୍ରମାଗତ ଆୟ ହ୍ରାସ । ବିଗତ ତିନି ବର୍ଷରେ ଶିଳ୍ପ କ୍ଷେତ୍ରର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟ ଜନକ । ଅପରପକ୍ଷରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ୧୧୭ ବିଲିୟନ୍ ଡଲାରରୁ ବୃଦ୍ଧି ପାଇ ୧୪୯ ବିଲିୟନ ଡଲାରରେ ପହଁଚିଛି । ଅର୍ଥାତ୍ ଆମ ବଜାର ଅଧିକ ବିଦେଶୀଙ୍କ ଦଖଲକୁ ଯାଇଛି । ଆଲୋଚ୍ୟ ସମୟ ମଧ୍ୟରେ ରପ୍ତାନୀ ବ୍ୟାପକ ହ୍ରାସ ଘଟିଛି ଓ ତୈଳ ଦର କମିଥିବା ସତ୍ତ୍ୱେ ଆମଦାନୀ ଖର୍ଚ୍ଚ ବୃଦ୍ଧି ଫଳରେ ଆମର ବାଣିଜ୍ୟ ନିଅଣ୍ଟ ଗତ ୨୯ ମାସରେ ସର୍ବାଧିକ ୧୩.୨ ବିଲିୟନ ଡଲାରରେ ପହଁଞ୍ଚିଛି । ସେବା କ୍ଷେତ୍ର ଘୋର କଠିନ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଜି.ଏସ୍.ଟି. ମାଧ୍ୟମରେ ସେବାକର ବୃଦ୍ଧି ଫଳରେ ଏହା ଅଧିକ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଉଛି । ସ୍ୱାସ୍ଥ୍ୟ କଥା ବିଚାର କରିବାକୁ ହେଲେ ଆମେ ସଦ୍ୟ ପ୍ରକାଶିତ 'ଗ୍ଲୋବାଲ ବର୍ଡ଼ନ ଅଫ୍ ଡିଜିଜ୍ ଷ୍ଟଡ଼ି' ଉପରେ ଦୃଷ୍ଟିପାତ

ଅବଶିଷ୍ଟାଂଶ ୧୧ ପୃଷ୍ଠାରେ

Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari
at Bani Press , Cuttack - 8 , Editor - **Dr. Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com**